## ଅଲ୍ଲାଃ ତାଲାଙ୍କ ବାଣୀ

قُلۡ لِّمَنۡ مَّا فِی السَّمٰوٰتِ وَالۡاَرۡضِ ؕ قُلۡ لِّلّٰہِ ؕ
کَتَبَ عَلٰی نَفۡسِہِ الرَّحۡمَۃَ ؕ لَیَجۡمَعَنَّکُمۡ اِلٰی
یَوۡمِ الۡقِیٰمَۃِ لَا رَیۡبَ فِیۡہِ ؕ اَلَّذِیۡنَ خَسِرُوۡۤا
اَنۡفُسَہُمۡ فَہُمۡ لَا یُؤۡمِنُوۡنَ (الانعام:13)

ଅନୁବାଦ- ସେମାନଙ୍କୁ ପଚାର, ‘‘ଆକାଶ ଓ ପୃଥିବୀରେ ଯାହା କିଛି ଅଛି ସେ ସବୁ କାହାର ? (ଏହାର ଉତର ସେମାନେ ବା କ’ଣ ଦେବେ, ତେଣୁ ତୁମ୍ଭେ ସେମାନଙ୍କୁ) କୁହ, ‘‘ଅଲ୍ଲାଃଙ୍କର’’, ସେ ନିଜ ଉପରେ କରୁଣାକୁ ଅନିବାର୍ଯ୍ୟ କରିଅଛନ୍ତି, ସେ ତୁମ୍ଭମାନଙ୍କୁ କୟାମତ ଦିନ ପର୍ଯ୍ୟନ୍ତ ଏକତ୍ରିତ କରୁଥିବେ; ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁମାନେ ନିଜ ଜୀବନକୁ କ୍ଷତିଗ୍ରସ୍ତ କରାଇଛନ୍ତି ସେମାନେ ବିଶ୍ୱାସ କରିବେ ନାହିଁ । *(ସୁରଃ- ଅଲ୍‌ଅନାମ୍: ୧୩)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ      نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ      وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 3

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

20 ଜାନୁୟାରୀ 2022 | 20 ଫତହ୍ 1401 ହି.ଶ | 16 ଜମାଦିଲ୍ ସାନି 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱ୍ରର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ ବାରିକ୍‌ଲନା ଫି’ଉମ୍‌ରିହି ୱ୍ ଅମ୍‌ରିହି ॥**

**ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କ ଇଚ୍ଛା ଓ ତାହାଙ୍କ ପ୍ରକୃତିକୁ ମୁଣ୍ଡପାତି ସ୍ୱୀକାର କରିନିଅନ୍ତି, ସେମାନେ ମୁକ୍ତ କଣ୍ଠରେ କହିଥାନ୍ତି- ଇନ୍ନା ଲିଲ୍ଲାହି ୱ୍ ଇନ୍ନା ଇଲୈହେ ରାଜେଉନ୍ ଏମାନେ କୌଣସି ପ୍ରକାରର ଆପତି ଅଭିଯୋଗ କରିନଥାନ୍ତି । ଅଲ୍ଲାଃ ତାଲା ଏହିପରି ଲୋକମାନଙ୍କ ସମ୍ବନ୍ଧରେ କହିଛନ୍ତି:- ଉଲାଇକା ଆଲୈହିମ୍ ସଲୱ୍ୱାତୁନ୍ ଅର୍ଥାତ:- ଏହି ଲୋକମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କର ବିଶେଷ କରୁଣା ଅବତୀର୍ଣ୍ଣ ହୋଇଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

କିଛି ଲୋକେ ଏମିତି ଥା’ନ୍ତି ଯେଉଁମାନେ ବିପଦ (ଓ ପରୀକ୍ଷା) ସମୟରେ ବ୍ୟତିବ୍ୟସ୍ତ ହୋଇଯାଆନ୍ତି ଏବଂ ଈଶ୍ୱରଙ୍କ ଉପରେ ଆପତି ଅଭିଯୋଗ କରିବାରେ ଲାଗିପଡ଼ନ୍ତି । ସେମାନଙ୍କ ସ୍ୱଭାବରେ ଗୋଟିଏ ପ୍ରକାରର ଉଦାସୀନତା ଦେଖିବାକୁ ମିଳେ । କାରଣ ଯେଉଁ ଶାନ୍ତି ଅଲ୍ଲାଃଙ୍କ ନିକଟରୁ ସମ୍ପୁର୍ଣ୍ଣ ରୂପେ ମିଳିବା କଥା ତାହା ସେମାନଙ୍କୁ ପ୍ରାପ୍ତ ହୋଇନଥାଏ । ସେ ଖୁଦାତାଲାଙ୍କ କଥାରେ ସେ ପର୍ଯ୍ୟନ୍ତ ସନ୍ତୁଷ୍ଟ ହୋଇ ରହିଥାଏ ଯେ ପର୍ଯ୍ୟନ୍ତ ସେ ତା’ର କଥା ମାନିଥାଏ । ଏ କଥା ମନେରଖ ଯେ ଈଶ୍ୱରଙ୍କର ମାମଲା ଜଣେ ବନ୍ଧୁ / ସାଙ୍ଗ/ ସାଥି ପରି ହୋଇଥାଏ । କେବେ ଜଣେ ବନ୍ଧୁ ଅନ୍ୟ ଜଣଙ୍କର କଥା ମାନିଥାଏ ତ ଅନ୍ୟ କେଉଁ ସମୟରେ ଦ୍ୱିତୀୟ ବନ୍ଧୁ ପ୍ରଥମର କଥା ମାନିଥାଏ ଏବଂ ଏପରି ସ୍ୱୀକୃତି ଖୁସି ଓ ଖୋଲାମନରେ ହେବା ଉଚିତ ନା କି ବାଧ୍ୟ ହୋଇ ।

ଖୁଦାତାଲା ଗୋଟିଏ ସ୍ଥାନରେ କହିଛନ୍ତି:- **ୱ୍ଲନବ୍‌ଲୁୱ୍‌ନ୍ନକୁମ୍ ବି ଶୈଇଇମ୍ ମିନଲ୍ ଖୌଫି ୱ୍ଲ୍ ଜୁଇ (ଅଲ୍‌ବକ୍‌ରାଃ: ୧୫୬)** ଅର୍ଥାତ ଆମେ ପରୀକ୍ଷା କରି ଚାଲିବୁ । କେବେ ଭୟ ଦେଖାଇ, କେବେ ଭୋକିଲା ରଖି, କେବେ ଧନ ସମ୍ପତି ଓ ଫସଲ ଇତ୍ୟାଦିକୁ କ୍ଷତି ପହଂଚାଇ । ଫସଲ ମଧ୍ୟରେ ସନ୍ତାନମାନେ ମଧ୍ୟ ଗଣା ହୁଅନ୍ତି । ପୁଣି ଏମିତି ମଧ୍ୟ ହୋଇଥାଏ ଯେ ଜଣେ ବହୁତ ପରିଶ୍ରମ କରି କୌଣସି ଫସଲ ପ୍ରସ୍ତୁତ କରିଥାଏ ଓ ଅଚାନକ ସେଥିରେ ନିଆଁ ଲାଗିଯାଏ ଓ ତାହା ଧ୍ୱଂସ ହୋଇଯାଇଥାଏ । ବା ଅନ୍ୟ କୌଣସି ବିଷୟରେ ପରିଶ୍ରମ କରିଥାଏ ପୁଣି ଶେଷରେ ସେଥିରେ ଅସଫଳ ହୋଇଥାଏ । ଅତଏବ ଭିନ୍ନ ଭିନ୍ନ ପ୍ରକାରର ପରୀକ୍ଷା ଓ ବ୍ୟାଧି ମଣିଷ ପାଇଁ ଆସିଥାଏ । ଏହା ସବୁ ହେଉଛି ଖୁଦାତାଲାଙ୍କର ପରୀକ୍ଷା । ଏଭଳି ପରିସ୍ଥିତିରେ ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କ ଇଚ୍ଛା ଓ ତାହାଙ୍କ ପ୍ରକୃତିକୁ ମୁଣ୍ଡପାତି ସ୍ୱୀକାର କରିନିଅନ୍ତି, ସେମାନେ ମୁକ୍ତ କଣ୍ଠରେ କହିଥାନ୍ତି- **ଇନ୍ନା ଲିଲ୍ଲାହି ୱ୍ ଇନ୍ନା ଇଲୈହେ ରାଜେଉନ୍ (ଅଲ୍‌ବକ୍‌ରାଃ:୧୫୭)** । ଏମାନେ କୌଣସି ପ୍ରକାରର ଆପତି ଅଭିଯୋଗ କରିନଥାନ୍ତି । ଅଲ୍ଲାଃ ତାଲା ଏହିପରି ଲୋକମାନଙ୍କ ସମ୍ବନ୍ଧରେ କହିଛନ୍ତି:- **ଉଲାଇକା ଆଲୈହିମ୍ ସଲୱ୍ୱାତୁନ୍** ଅର୍ଥାତ:- ଏହି ଲୋକମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କର ବିଶେଷ କରୁଣା ଅବତୀର୍ଣ୍ଣ ହୋଇଥାଏ । ଅଲ୍ଲାଃ ତାଲା ଏହି ଲୋକମାନଙ୍କୁ ଅସୁବିଧା ସମୟରେ ମାର୍ଗଦର୍ଶନ କରାନ୍ତି । ମନେରଖ ଯେ ଅଲ୍ଲାଃ ତାଲା ବଡ଼ ଦୟାଳୁ, କୃପାଳୁ ଏବଂ ନମ୍ର ଅଟନ୍ତି । ଯଦି କିଏ ତାହାଙ୍କ ଇଚ୍ଛାକୁ ପ୍ରାଥମିକତା ଦେଇଥାଏ ଓ ତାହାଙ୍କ ଇଚ୍ଛାରେ ସନ୍ତୁଷ୍ଟ ହୋଇଥାଏ ସେ ତାକୁ ତା’ର ଫଳ ନ ଦେଇ ଛାଡ଼ନ୍ତି ନାହିଁ । ଅତଃ ଏହା ହେଉଛି ସେହି ସ୍ଥାନ ଓ ସ୍ତର ଯେଉଁଠି ସେ ନିଜର କଥା ମନାଇ ବାକୁ ଚାହିଁଥାଏ । ଦ୍ୱିତୀୟ ସ୍ଥାନରେ ସେ ଏହା ନିର୍ଦ୍ଦେଶ ଦେଇଛନ୍ତି ଯେ- **ଉଦ୍‌ଉନି ଅସ୍‌ତଜିବ୍ ଲକୁମ୍ (ଅଲ୍‌ମୋମିନ୍:୬୧)** ଅର୍ଥାତ ଏଠାରେ ସେ ତା’ର କଥା ମାନିବାକୁ ପ୍ରତିଶୃତି ଦେଇଛନ୍ତି । ସୁତରାଂ ଶହୀଦ୍ ସେହି ପ୍ରଥମ ସ୍ଥାନରେ ହିଁ ଛିଡ଼ା ହୋଇଥାଏ । ଅର୍ଥାତ ମୁକ୍ତ ହୃଦୟରେ ସେ ତାହାଙ୍କ କଥାକୁ ମାନି ନେଇଥାଏ ଏବଂ ବନ୍ଧୁଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଗୋଟିଏ ପୁରସ୍କାର ଭାବରେ ଅବଲୋକନ କରିଥାଏ ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ- ୩୪୮ ମୁଦ୍ରିତ ୨୦୧୮, କାଦିୟାନ୍)***

**ୱ୍ ଇନ୍ନ ତଉଦ୍ଦୁ ନେମତଲ୍ଲାହି ଲା ତୁହ୍‌ସୁହା ଇନ୍ନଲ୍ଲାହା ଲଗଫୁରୁର୍ ରହିମ୍ ଯଦି ଅଲ୍ଲାଃ ତାଲାଙ୍କ ଆଶୀର୍ବାଦ/ ବୈଭବ/ ଅନୁଗ୍ରହକୁ ଯଦି ଗଣିବାକୁ ଚାହିଁବ ତା’ହେଲେ ଗଣିପାରିବ ନାହିଁ । ପୁଣି ସେ ଯେଉଁଭଳି ଏହି ସାଂସାରିକ/ଭୌତିକ ସାମଗ୍ରୀଗୁଡ଼ିକୁ ପ୍ରଦାନ କରିଛନ୍ତି ସେହିଭଳି ସେ କାହିଁକି ଆଧ୍ୟାତ୍ମିକ ବୈଭବକୁ ଅବତୀର୍ଣ୍ଣ ନ କରିବେ ଏବଂ ମିଥ୍ୟା ଈଶ୍ୱରମାନଙ୍କ ଭଳି ମୂକ ଭାବରେ ବସି ରହିବ, ଯେଉଁମାନଙ୍କର କୌଣସି ଶକ୍ତି ହିଁ ନାହିଁ ।**

ସୟଦନା ହଜରତ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ନହଲ୍ ଆୟତ ନଂ-୧୮-୧୯ **ଅଫମନ୍ ୟଖ୍‌ଲୁକୁ କମନ୍ ଲା ୟଖ୍‌ଲୁକୁ ଅଫଲା ତଜ୍‌କ୍କରୁନ୍ ୱ୍ ଇନ୍ନ ତଉଦ୍ଦୁ ନେମତଲ୍ଲାହି ଲା ତୁହ୍‌ସୁହା ଇନ୍ନଲ୍ଲାହା ଲଗଫୁରୁର୍ ରହିମ୍ (ସୁରଃ ନହଲ୍:୧୮, ୧୯)** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:- ଏହି ଆୟତର ଅନୁବାଦ ହେଉଛି ଏପରି କି ଯିଏ ସୃଷ୍ଟି କରିଛି କ’ଣ ସେ ତା’ପରି ହୋଇପାରିବ ଯିଏ ସୃଷ୍ଟି କରିନାହିଁ । ଏଥିରେ କେତେକ ଲୋକେ ଏ ଆପତି ଉଠାଇଛନ୍ତି ଯେ ଏଠାରେ ଏପରି କହିବା ଠିକ୍ ହୋଇଥାନ୍ତା ଯେ ଯିଏ ସୃଷ୍ଟି କରୁନାହିଁ କ’ଣ ସେ ତା’ଭଳି ହୋଇପାରିବ ଯିଏ ସୃଷ୍ଟି କରିପାରୁଛି । କାରଣ ଛୋଟକୁ ବଡ଼ ସହିତ ତୂଳନା କରାଯାଇଥାଏ ନା କି ବଡ଼କୁ ଛୋଟ ସହିତ । ବଳ ଓ ଶକ୍ତି ପାଇଁ ତ ଏପରି କୁହାଯାଇପାରେ ଯେ କ’ଣ ଏହି ପିଲାଟି ପହିଲ୍‌ମାନ୍ ପରି ହୋଇପାରିବ କିନ୍ତୁ ଏପରି କୁହାଯାଇପାରିବ ନାହିଁ ଯେ କ’ଣ ପହିଲ୍‌ମାନ୍ (ମଲ୍ଲ ଯୋଦ୍ଧା) ପିଲା ପରି ହୋଇପାରିବ କି । ଏପରି

## ନବୀ ସ:ଆ:ସଙ୍କ ବାଣୀ

**ଫଲା ଜୁନାହା ଆଲୈହେ ଅୟଁ ୟତୱ୍ୱଫା ବିହିମା** ସମ୍ବନ୍ଧରେ ହଜରତ ଆଇଶା ର:ଅଙ୍କ ବ୍ୟାଖ୍ୟା

(୧୬୪୩) ଉର୍‌ୱ୍ୱା କୁହନ୍ତି ମୁଁ ହଜରତ ଆଇଶା ର:ଅଙ୍କୁ ନିବେଦନ କଲି ଯେ: ଅଲ୍ଲାଃ ତାଲା ଯାହା କହିଛନ୍ତି ଆପଣ ବତାନ୍ତୁ । ସଫା ଏବଂ ମର୍‌ୱ୍ୱା (ଅର୍ଥାତ ଏହି ଦୁଇଟି ପାହାଡ଼) ଅଲ୍ଲାଃଙ୍କ ଚିହ୍ନମାନଙ୍କ ମଧ୍ୟରୁ ଅନ୍ୟତମ, ଅତଏବ ଯିଏ ବଇତୁଲ୍ଲାଃର ହଜ୍ କରେ ତାଥା ଉମ୍‌ରାଃ କରେ ସେ ଏହା (ଅର୍ଥାତ ଏହି ଦୁଇପାହାଡ଼) ମଧ୍ୟରେ ଦ୍ରୁତ ଗତିରେ ଚାଲିବାରେ କୌଣସି ପାପ ନାହିଁ । ଈଶ୍ୱରଙ୍କ ରାଣ ! (ଏଥିରୁ ତ ଏକଥା ଜ୍ଞାତ ହେଉଅଛି) ଯେ ସଫା ଏବଂ ମର୍‌ୱ୍ୱା ମଧ୍ୟରେ ଦ୍ରୁତଗତିରେ ଯଦି କିଏ ନ ଚାଲେ, ତା’ହେଲେ ତା’ର କୌଣସି ପାପ ନାହିଁ । ଏଥିରେ ସେ (ଅର୍ଥାତ ହଜରତ ଆଇଶା ର:ଅ) କହିଲେ: ହେ ମୋର ଭଣଜା ! ତୁମେ କେଡ଼େ ଖରାପ କଥା କହିଛ: ଏହି ଆୟତ୍‌ର ଅର୍ଥ ଯେପରି ତୁମେ ବୁଝୁଅଛ, ଯଦି ସେମିତି ଅର୍ଥ ହୋଇଥାନ୍ତା ତା’ହେଲେ ଏହା ଏପରି ହୋଇଥାନ୍ତା: **ଲାଜୁନାହା ଆଲୈହେ ଅନ ଲା ୟତତୱ୍ୱଫା ବିହିମା** ଅର୍ଥାତ ଯିଏ ଏହି ଦୁଇଟି (ପାହାଡ଼) ମଧ୍ୟରେ ପରିକ୍ରମଣ ନ କରେ ତା’ର କୌଣସି ପାପ ନାହିଁ । କିନ୍ତୁ ଏହି ଆୟତ ଅନ୍‌ସାରଙ୍କ ପ୍ରସଙ୍ଗରେ ଅବତୀର୍ଣ୍ଣ ହୋଇଥିଲା । ସେମାନେ ଇସ୍‌ଲାମ୍ ଗ୍ରହଣ କରିବା ପୂର୍ବରୁ **ମନାତ୍** (ନାମକ) ପ୍ରତିମା (ଅର୍ଥାତ ଠାକୁର) ପାଇଁ ଏହ୍‌ରାମ୍ (ହଜ୍ ଓ ଉମ୍‌ରାଃ ନିମନ୍ତେ ଧାର୍ଯ୍ୟ ଥିବା ସ୍ୱତନ୍ତ୍ର ଧବଳ ବସ୍ତ୍ର- ଅନୁବାଦକ) ବାନ୍ଧୁଥିଲେ । ସେମାନେ ମୁଶଲ୍ଲଲ୍ ନିକଟରେ ତାହାର ପୂଜା କରୁଥିଲେ । ଅତଃ ଯେବେ ହଜ୍ ତଥା ଉମ୍‌ରାଃ ପାଇଁ ସେମାନେ ଏହ୍‌ରାମ୍ ବାନ୍ଧୁଥିଲେ, ସେତେବେଳେ ସଫା ଏବଂ ମର୍‌ୱ୍ୱା ମଧ୍ୟରେ ତୱ୍ୱାଫ୍ ଅର୍ଥାତ ପରିକ୍ରମଣ କରିବାକୁ ପାପ ବୋଲି ବିବେଚନା କରୁଥିଲେ । ଯେବେ ସେମାନେ ଇସ୍‌ଲାମ୍ ଗ୍ରହଣ କଲେ, ସେମାନେ ଏ ବିଷୟରେ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ବୁଝିବାକୁ ଚାହିଁଲେ ଓ ନିବେଦନ କଲେ: ହେ ଅଲ୍ଲାଃଙ୍କ ରସୁଲ୍ ! ଆମେମାନେ ସଫା ଏବଂ ମର୍‌ୱ୍ୱା (ପାହାଡ଼ ଦ୍ୱୟ) ମଧ୍ୟରେ ତୱ୍ୱାଫ୍ କରିବାକୁ ପାପ ବୋଲି ବିବେଚନା କରୁଥିଲୁ । (ପୁଣି) ଅଲ୍ଲାଃ ତାଲା ଏହି ୱ୍ହି (ଅର୍ଥାତ ଐଶିବାଣୀ) ଅବତୀର୍ଣ୍ଣ କଲେ: **ଇନ୍ନସ୍ ସଫା ୱ୍ଲ୍ ମର୍‌ୱ୍ୱତା ମିନ୍ ଶାଆଇରିଲ୍ଲାହି....** ହଜରତ ଆଇଶା ର:ଅ କହୁଥିଲେ: ରସୁଲୁଲ୍ଲାଃ ସ:ଆ:ସ ଏହି ଦୁଇ (ପାହାଡ଼) ମଧ୍ୟରେ ତୱ୍ୱାଫ୍ କରିବା ଜାରି କରିସାରିଛନ୍ତି । ତେଣୁ ସେହି ଦୁଇଟିର ତୱ୍ୱାଫ୍ କରିବାକୁ କେହି ପରିତ୍ୟାଗ କରନ୍ତୁ ନାହିଁ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ ୨୦୦୮ କାଦିୟାନ୍)***

ଆପତି କରିବା ସମ୍ପୁର୍ଣ୍ଣ ରୂପେ ଠିକ୍ । ଯଦି ଏହି ଆୟତରେ ବଳ/ଶକ୍ତି ପ୍ରଦର୍ଶନ କରିବାର ଉଦ୍ଦେଶ୍ୟ ଥାଆନ୍ତା ତେବେ ନିଶ୍ଚିତ ରୂପେ ଏହା କୁହାଯାଇଥାନ୍ତା ଯେ ଯିଏ ସୃଷ୍ଟି କରୁନାହିଁ କ'ଣ ସେ ସୃଷ୍ଟି କରିପାରୁଥିବା ଅସ୍ତିତ୍ୱ ସହିତ ସମାନ ହୋଇପାରେ । କିନ୍ତୁ ଏଠାରେ ଏମିତି ଅର୍ଥ ନାହିଁ । ଅଲ୍ଲାମା ମଖ୍‌ଶରୀ ଏହି ପ୍ରଶ୍ନକୁ ବର୍ଣ୍ଣନା କରି ଏହାର ଉତର ଏପରି ଦେଇଛନ୍ତି ଯେ ମୁଶ୍‌ରିକ୍‌ମାନେ ଅଲ୍ଲାଃଙ୍କ ବିଶେଷତା ଅର୍ଥାତ ବିଶେଷ ଗୁଣକୁ ଗୈରୁଲ୍ଲାଃ (ଅର୍ଥାତ ଅଣଈଶ୍ୱରମାନଙ୍କୁ) ଅର୍ପଣ କରି ସତେ ଯେପରି ଅଲ୍ଲାଃ ତାଲାଙ୍କୁ ମଧ୍ୟ ଗୋଟିଏ ମଖ୍‌ଲୁକ୍ ଅର୍ଥାତ ପ୍ରାଣୀ ଭାବରେ ଅଭିହିତ କରୁଥିଲେ । ତେଣୁ କହିଲେ ଯେ ଏପରି କରିବା ଦ୍ୱାରା ଅଲ୍ଲାଃ ତାଲାଙ୍କ ଉପରେ ଆରୋପ ଲାଗୁଅଛି । ଯେବେ କି ଏହା ଦ୍ୱାରା ତୁମ ମିଥ୍ୟା ଦେବତାମାନଙ୍କର ସ୍ଥିତି/ ପଦମର୍ଯ୍ୟାଦା ତ ବଢ଼ିନଥାଏ ବରଂ ଖୁଦାତାଲାଙ୍କ ପଦମର୍ଯ୍ୟାଦାକୁ ହ୍ରାସ କରିବାକୁ ପଡ଼ିଥାଏ । କିନ୍ତୁ କ'ଣ ଖୁଦାତାଲା ଏହି ନିମ୍ନ ପ୍ରାଣୀମାନଙ୍କ ସହିତ ସମାନ ହୋଇପାରିବେ କି ? ମୋ ମତରେ ଏହି ଉତର ସେତେମୋତ୍ରାରେ ଯୁକ୍ତି ସଙ୍ଗତ ନୁହେଁ, ଯେଉଁ ପ୍ରକାରର ଆପତି ସେମାନେ ଉପରେ କରିଛନ୍ତି ।

ମୋ ମତରେ ଏହି ପ୍ରଶ୍ନର ଉତର ଏହି କ୍ରମରେ ଦିଆଯାଇପାରେ, ଯାହା ମୁଁ ବିଗତ ଆୟତ ଗୁଡ଼ିକରେ ବତାଇ ସାରିଛି । ଯେପରି କି ମୁଁ ଏହା କହିସାରିଛି ଯେ ଅସଲ ବିଷୟ ଏହା ଥଲା କି କଣ ଖୁଦାତାଲାଙ୍କୁ କୌଣସି ଏଲ୍‌ହାମ୍ (ଐଶିବାଣୀ) ଅବତୀର୍ଣ୍ଣ କରିବାର ଆବଶ୍ୟକ ରହିଛି କି ? ମୁଶ୍‌ରିକ୍ (ଅନେକେଶ୍ୱରବାଦୀ)ମାନେ ନିଜ ନିଜର ଠାକୁରମାନଙ୍କ ସମ୍ବନ୍ଧରେ ଏହା ପ୍ରକାଶ କରୁଥିଲେ ଯେ ସେମାନଙ୍କର ଠାକୁରମାନେ ଏଥିପାଇଁ ଏଲ୍‌ହାମ୍ ଅବତୀର୍ଣ୍ଣ କରୁନାହାନ୍ତି ଯେ, ଏହା ସେମାନଙ୍କ ସମ୍ମାନର ବିରୋଧି କଥା । ଅଲ୍ଲାଃ ତାଲା କହୁଛନ୍ତି ଏପରି ନୁହେଁ ବରଂ ସେମାନେ ଏପରି କରି ହିଁ ପାରିବେ ନାହିଁ । ନା ସେମାନେ (ଅର୍ଥାତ ସେମାନଙ୍କ ମିଥ୍ୟା ଠାକୁରମାନେ- ଅନୁବାଦକ) କୌଣସି ପ୍ରକାରର ସାଂସାରିକ ଆଶୀର୍ବାଦ ମଣିଷକୁ ଦେଇଛନ୍ତି ନା ଆଧ୍ୟାତ୍ମିକ ଆର୍ଶୀବାଦ ଦେବାପାଇଁ ସେମାନଙ୍କର ଶକ୍ତି ଅଛି । ପୁଣି ତୁମେ କିପରି ଏହା ଭାବୁଛ ଯେ ଖୁଦାତାଲା ମଧ୍ୟ ସେମାନଙ୍କ ପରି ହୋଇଯିବେ । ଯେବେ କି ତାହାଙ୍କଠାରେ ତ ଐଶିବାଣୀ ଅବତରଣ କରିବାର ଶକ୍ତି ଅଛି । ସୁତରାଂ ଯେଉଁଭଳି ସେ ସାଂସାରିକ ବୈଭବ ଦେଇଛନ୍ତି, ସେହିଭଳି ସେ ଆଧ୍ୟାତ୍ମିକ ବୈଭବ ମଧ୍ୟ ଦେଇଥାନ୍ତି । ତୁମେ ଏହା ଚାହୁଁଛ ଯେ ସେ ମଧ୍ୟ ତୁମମାନଙ୍କ କପୋଳ କଳ୍ପିତ ଠାକୁରମାନଙ୍କ ପରି ଅସହାୟ ହୋଇ ବସି ପଡ଼ିବ । କିନ୍ତୁ ସେ ତ ଜୀବନ୍ତ ଈଶ୍ୱର ଓ ଶକ୍ତିଶାଳୀ ଅଟନ୍ତି । ସେ ତା ସାଂସାରିକ ଉନ୍ନତି ଓ ବିକାଶ- ନିମନ୍ତେ ହଜାର ହଜାର ସାମଗ୍ରୀ ସୃଷ୍ଟି କରିଛନ୍ତି । ଅତଃ ସେ ତୁମମାନଙ୍କ ଠାକୁରଙ୍କ ଭଳି ଆଧ୍ୟାତ୍ମିକ ବିକାଶର ମାର୍ଗକୁ ବତାଇବା ପାଇଁ କାହିଁକି ଅବହେଳା କରିବ ? ତୁମ ଠାକୁର ମାନଙ୍କର ଏପରି ନ କରିପାରିବା ସେମାନଙ୍କ ଉଚ୍ଚ ପଦମର୍ଯ୍ୟାଦା ଯୋଗୁଁ ନୁହେଁ ବରଂ ଅକ୍ଷମତା ହେତୁ ହୋଇଥାଏ । କିନ୍ତୁ ଖୁଦାତାଲା ଅକ୍ଷମ ନୁହନ୍ତି । ସେଥିଯୋଗୁଁ ସେ ବାଣୀ ଅବତୀର୍ଣ୍ଣ କରିଆସିଛି ଓ କରୁଥିବ । ଅତଏବ ତା' ପରର୍ବତୀ ଆୟତଟି ମଧ୍ୟ ଏହାକୁ ସମର୍ଥନ କରିଥାଏ ।

ଅର୍ଥାତ ଯଦି ଅଲ୍ଲାଃ ତାଲାଙ୍କ ଆଶୀର୍ବାଦ/ ବୈଭବ/ ଅନୁଗ୍ରହକୁ ଯଦି ଗଣିବାକୁ ଚାହିଁବ ତା'ହେଲେ ଗଣିପାରିବ ନାହିଁ । ପୁଣି ସେ ଯେଉଁଭଳି ଏହି ସାଂସାରିକ/ ଭୌତିକ ସାମଗ୍ରୀଗୁଡ଼ିକୁ ପ୍ରଦାନ କରିଛନ୍ତି ସେହିଭଳି ସେ କାହିଁକି ଆଧ୍ୟାତ୍ମିକ ବୈଭବକୁ ଅବତୀର୍ଣ୍ଣ ନ କରିବେ ଏବଂ ମିଥ୍ୟା ଈଶ୍ୱରମାନଙ୍କ ଭଳି ମୂକ ଭାବରେ ବସି ରହିବ ଯେଉଁମାନଙ୍କର କୌଣସି ଶକ୍ତି ହିଁ ନଥାଏ ।

ଦ୍ୱିତୀୟରେ ବର୍ଣ୍ଣନା କଲେ ଯେ ସେ ହେଉଛନ୍ତି କ୍ଷମା ପ୍ରଦାନକାରୀ ଓ ଦୟାଳୁ । ଯଦି ସେ ମାର୍ଗଦର୍ଶନ ନ ପଠାଇବେ ତା'ହେଲେ ଦୁର୍ବଳମାନଙ୍କୁ କ୍ଷମାପ୍ରଦାନ କରିବା ତଥା ଯୋଗ୍ୟ ଲୋକମାନଙ୍କର ସମ୍ମାନ ବୃଦ୍ଧି କରିବାର ସାମଗ୍ରୀ/ସାଧନ କିପରି ସୃଷ୍ଟି ହୋଇପାରିବ ? ଯଦି ସେ ହିଦାୟତ (ମାର୍ଗଦର୍ଶନ) ପ୍ରେରଣ କରିବାରେ ଅବହେଳା କରନ୍ତି ତା'ହେଲେ ତାଙ୍କର ଗଫୁର୍ (କ୍ଷମା ପ୍ରଦାନକାରୀ) ତଥା ରହିମ୍ (କୃପାଳୁ) ହେବାର ବିଶେଷଗୁଣ ମଧ୍ୟ ଶେଷ ହୋଇଯାଉଛି । ସୁତରାଂ ସେ ଏପରି କରିପାରିବେ ନାହିଁ ।*(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୧୪୮, ମୁଦ୍ରିତ କାଦିଆନ୍ ୨୦୧୦)*

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

***୧, ପୃ-୪୩୧...... ବେରୁତ)***

ସୁବୁଲୁଲ୍ ହୁଦା ନାମକ ପୁସ୍ତକରେ ହଜରତ ଅବୁବକର ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ବର୍ଣ୍ଣନା ରହିଛି ଯେ, କାଆବ୍ ବର୍ଣ୍ଣନା କରନ୍ତି ଯେ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପଛରେ ଆକାଶରୁ ଅବତୀର୍ଣ୍ଣ ହୋଇଥିବା ଏକ ଐଶିବାଣୀ ରହିଥିଲା ଏହାର ବିବରଣୀ ହେଉଛି ଏପରି କି ହଜରତ ଅବୁବକର ର:ଅ ସିରିୟାକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଇଥିଲେ ସେଠାରେ ଆପଣ ଏକ ସ୍ୱପ୍ନ ଦେଖିଲେ ଉକ୍ତ ସ୍ୱପ୍ନକୁ ଆପଣ ବୁହିରା ରହିବା ନାମକ ଜ୍ୟୋତିଷଙ୍କ ଆଗରେ ବର୍ଣ୍ଣନା କଲେ । ପ୍ରତ୍ୟୁତରରେ ସେହି ଜ୍ୟୋତିଷ ଜଣକ ତାଙ୍କୁ ପଚାରିଲେ ତୁମେ କେଉଁଠାରୁ ଆସିଛ ? ହଜରତ ଅବୁବକର ର:ଅ ଉତର ଦେଲେ ମୁଁ ମକ୍କାରୁ ଆସିଛି । ପୁନଶ୍ଚ ସେ ପଚାରିଲେ ଯେ, ଆପଣ କେଉଁ କବିଲାର ବ୍ୟକ୍ତି ? ଏଥିରେ ହଜରତ ଅବୁବକର ର:ଅ ଉତର ଦେଲେ ମୁଁ କୁରୈଶ୍ କବିଲାର ବ୍ୟକ୍ତି । ଜ୍ୟୋତିଷ ଜଣକ ଆହୁରି ପ୍ରଶ୍ନ କଲେ ଯେ, ଆପଣ କେଉଁ କାର୍ଯ୍ୟ କରୁଛନ୍ତି ? ହଜରତ ଅବୁବକର ର:ଅ ଉତର ଦେଲେ ମୁଁ ବ୍ୟବସାୟୀ ଅଟେ । ପ୍ରତ୍ୟୁତରରେ ଜ୍ୟୋତିଷଜଣକ କହିଲେ ଅଲ୍ଲାଃ ତାଲା ଆପଣଙ୍କ ସ୍ୱପ୍ନକୁ ସତ୍ୟ ପ୍ରମାଣିତ କରିଦେଇଛନ୍ତି ଅର୍ଥାତ ତୁମ ସମ୍ପ୍ରଦାୟରୁ ଜଣେ ନବୀ ଆବିର୍ଭୂତ ହେବେ ।

ତୁମେ ସେହି ନବୀଙ୍କ ଜୀବନରେ ହିଁ ତାଙ୍କର ମନ୍ତ୍ରୀ ହେବ ସେହିପରି ତୁମେ ସେହି ନବୀଙ୍କ ବିୟୋଗ ଅନ୍ତେ ତାଙ୍କର ଖଲିଫା ଅର୍ଥାତ ଉତରାଧିକାରୀ ହେବ ।

ସୁତରାଂ ହଜରତ ଅବୁବକର ର:ଅ ଉକ୍ତ କଥାକୁ ଗୁପ୍ତ ରଖିଲେ ଏପର୍ଯ୍ୟନ୍ତ କି ନବୀ କରିମ୍ ସ:ଆ:ସଙ୍କର ଅବିର୍ଭାବ ହୋଇଗଲା । ସେତେବେଳେ ହଜରତ ଅବୁବକର ର:ଅ କହିଲେ, ହେ ମୁହମ୍ମଦ ! ଆପଣ ଅବତାର ହେବାର ଯେଉଁ ଦାବି କରୁଛନ୍ତି ତାହାର ପ୍ରମାଣ କ'ଣ ? ହଜରତ ଅବୁବକର ର:ଅଙ୍କର ଏପରି ପ୍ରମାଣ ମାଗିବା ଅନ୍ୟ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ କିନ୍ତୁ ସେ ଯାହା ହେଉ ନା କାହିଁକି ଉକ୍ତ ବର୍ଣ୍ଣନାଟି ଏହିପରି ହିଁ ବର୍ଣ୍ଣିତ ରହିଛି । ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କଠାରୁ ନବୀ ହେବାର ପ୍ରମାଣ ମାଗିଛନ୍ତି ବୋଲି ସେଠାରେ ବର୍ଣ୍ଣିତ ରହିଛି । ନବୀ କରିମ୍ ସ:ଆ:ସ ଏଥିରେ ଉତର ଦେଲେ ତୁମେ ସିରିୟା ଗସ୍ତରେ ଯାଇଥିବା ବେଳେ ଯେଉଁ ସ୍ୱପ୍ନ ଦେଖିଥିଲ ତାହା ହିଁ ମୋର ସତ୍ୟତାର ପ୍ରମାଣ । ଏହା ଶୁଣି ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କୁ ଆଲିଙ୍ଗନ କରିନେଲେ ଏବଂ ଆପଣଙ୍କ ଚକ୍ଷୁର ମଧ୍ୟବର୍ତୀ ସ୍ଥାନ ଅର୍ଥାତ କପାଳକୁ ଚୁମ୍ବନ ଦେଲେ ଏବଂ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଯେ ଆପଣ ହିଁ ଅଲ୍ଲାଃ ତାଲାଙ୍କର ରସୁଲ୍ ଅର୍ଥାତ ବାର୍ତାବହ ଅଟନ୍ତି । ***(ସୁବୁଲୁଲ୍ ହୁଦା, ଖଣ୍ଡ-୧, ପୃ-୧୨୪...... ବେରୁତ ଲେବ୍‌ନାନ୍ ୧୯୯୩)***

ଉପରୋକ୍ତ ବର୍ଣ୍ଣନାରେ ହଜରତ ଅବୁବକର ର:ଅଙ୍କ ସ୍ୱପ୍ନର ଚର୍ଚ୍ଚା ହୋଇଛି କିନ୍ତୁ ଏହାର ବିସ୍ତୃତ ବିବରଣୀ ଏଠାରେ ଉଲ୍ଲେଖିତ ହୋଇନାହିଁ ଯେ ହଜରତ ଅବୁବକର ର:ଅ ସ୍ୱପ୍ନରେ କ'ଣ ଦେଖିଥିଲେ । କିନ୍ତୁ ସିରତ୍ ହଲ୍‌ବିୟାରୁ ଏହା ଜଣାପଡ଼େ ଯେ ଆଲୋଚ୍ୟ ବର୍ଣ୍ଣନାଟି ସେହି ସ୍ୱପ୍ନ ଆଡ଼କୁ ଇଙ୍ଗିତ କରେ ଯହିଁରେ ହଜରତ ଅବୁବକର ର:ଅ ଦେଖିଥିଲେ ଯେ ଚନ୍ଦ୍ର ଖଣ୍ଡବିଖଣ୍ଡିତ ହୋଇ ମକ୍କାର ଗଳିକନ୍ଦିରେ ବିଚ୍ଛୁରିତ ହୋଇଯାଉଛି । ଉକ୍ତ ବର୍ଣ୍ଣନାର ଚର୍ଚ୍ଚା ପୂର୍ବେ ହୋଇସାରିଛି ଯେଉଁ ସ୍ୱପ୍ନର ଚର୍ଚ୍ଚା ହଜରତ ଅବୁବକର ର:ଅ ବୁହିରା ରାହିବ୍ ନାମକ ଜ୍ୟୋତିଷ ନିକଟରେ ଆଲୋଚନା କରିଥିଲେ । ***(ସିରତୁଲ୍ ହଲ୍‌ବିୟା........ ଖଣ୍ଡ-୧, ପୃ-୩୯୧...... ୨୦୦୧)***

ସେ ଯାହା ହେଉ ନା କାହିଁକି ଏଥି ସଂକ୍ରାନ୍ତରେ ଆହୁରି ଅନେକ ବର୍ଣ୍ଣନା ରହିଛି ଓ ସେ ସମ୍ବନ୍ଧରେ ଜୀବନଚରିତ୍ର ଲେଖକମାନେ ଉଲ୍ଲେଖ କରିଛନ୍ତି ଯାହାକି ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ଈଶ୍ୱରଙ୍କ ସୌଗନ୍ଧ ଆପଣ (ଅର୍ଥାତ ହଜରତ ଅବୁ ବକର୍ ର:ଅ ଅନୁବାଦକ) ଇସ୍‌ଲାମ୍ ପାଇଁ ଆଦମେ ସାନି (ଅର୍ଥାତ ଦ୍ୱିତୀୟ ଆଦମ୍- ଅନୁବାଦକ) ଥିଲେ ଏବଂ ଖୈରୁଲ୍ ଅନାମ୍ (ମୁହମ୍ମଦ୍ ସ:ଆ:ସ)ଙ୍କ ଜ୍ୟୋତି ସମୂହର ମଜ୍‌ହରେ ଅୱଲ (ଅର୍ଥାତ ପ୍ରଥମ ପ୍ରକାଶ ଅନୁବାଦକ) ଥିଲେ ।'' (ହଜରତ ମସିହ୍ ମଉଦ୍ ଆ:ସ)

''ସତ୍ୟ ହେଉଛି ଏହା କି ପ୍ରତ୍ୟେକ ଯୁଗରେ, ଯେ କୌଣସି ବ୍ୟକ୍ତି ମଧ୍ୟ ସିଦ୍ଦିକ୍‌ଙ୍କ ସିଦ୍ଧତାକୁ ପ୍ରାପ୍ତ କରିବା ପାଇଁ ଇଚ୍ଛା ପୋଷଣ କରିବ ତା' ପାଇଁ ଏହା ଜରୁରୀ ଯେ ସେ ଅବୁବକର୍‌ଙ୍କ ସ୍ୱଭାବ ଓ ତାହାଙ୍କ ପ୍ରକୃତିକୁ ନିଜ ମଧ୍ୟରେ ସୃଷ୍ଟି କରିବା ପାଇଁ ଯଥା ସମ୍ଭବ ପାରୁ ପର୍ଯ୍ୟନ୍ତ ପ୍ରଚେଷ୍ଟା କରୁ ଓ ପୁଣି ଯଥାସମ୍ଭବ ଦୁଆ ଅର୍ଥାତ ପ୍ରାର୍ଥନା କରୁ ।'' (ହଜରତ ମସିହ୍ ମଉଦ୍ ଆ:ସ)

**ହଜରତ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକ୍‌ବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସିଦ୍ଧତା ଏବଂ ଉଚ୍ଚ ପ୍ରଶଂସା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ:ବ**
**(ପ୍ରଦତ୍: ୦୩ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୦୩ ଫତହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ମୁଁ ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଆରମ୍ଭ କରିବି । ହଜରତ ଅବୁ ବକର୍ ର:ଅଙ୍କ ନାମ ଅବ୍‌ଦୁଲ୍ଲାଃ ଥିଲା ଏବଂ ତାଙ୍କ ବାପାଙ୍କ ନାମ ଉସ୍‌ମାନ୍ ବିନ୍ ଆମିର୍ ଥିଲା । ତାଙ୍କ କୁନିୟତ୍ ଅର୍ଥାତ ଉପନାମ ଅବୁ ବକର୍ ଥିଲା ଏବଂ ତାଙ୍କର ଲକବ୍ ଅର୍ଥାତ ଉପାଧି "ଅତିକ୍" ଏବଂ "ସିଦ୍ଦିକ୍" ଥିଲା । କୁହାଯାଏ ଯେ ତାଙ୍କର ଜନ୍ମ ଆମୁଲ୍‌ଫିଲ୍ ବର୍ଷର ଅଢ଼େଇ ବର୍ଷ ପରେ ଅର୍ଥାତ ୫୭୩ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ତାଙ୍କର ସମ୍ପନ୍ଧ କୁରେଶ୍ ଗୋଷ୍ଠୀର ବନୁ ତମିମ୍ ବିନ୍ ମୁର୍‌ରା ସହିତ ଥିଲା । ଜାହିଲିୟତ ଯୁଗରେ (ଅର୍ଥାତ ଇସ୍‌ଲାମ୍‌ର ପୂର୍ବବର୍ତ୍ତୀ ଯୁଗରେ ତାଙ୍କ ନାମ ଅବ୍‌ଦୁଲ୍ କାବା ଥିଲା, ତାହାକୁ ରସୁଲୁଲ୍ଲାଃ ସ:ଆ:ସ ପରିବର୍ତ୍ତନ କରି ଅବ୍‌ଦୁଲ୍ଲାଃ ରଖିଦେଲେ । ତାଙ୍କ ପିତାଙ୍କ ନାମ ଉସ୍‌ମାନ୍ ବିନ୍ ଆମିର୍ ଥିଲା ଏବଂ ତାଙ୍କ ଉପନାମ ଅବୁ କାହାଫା ଥିଲା । ତାଙ୍କ ମାତାଙ୍କ ନାମ ସଲ୍‌ମା ବିନ୍‌ତେ ସଖର୍ ବିନ୍ ଆମୀର ଥିଲା ଓ ତାଙ୍କ ଉପନାମ ଉମ୍ମୁଲ୍ ଖୈର୍ ଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ତାଙ୍କ ମାଆଙ୍କ ନାମ ଲୈଲା ବିନ୍‌ତେ ସଖର୍ ଥିଲା ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୯୧-୯୨.......... ବେରୁତ ୨୦୦୨) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୦........... ବେରୁତ ୧୯୯୬) (ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୨୦୪.......... ବେରୁତ ୨୦୦୩) (ଅସାବାଃ....... ଖଣ୍ଡ-୪, ପୃ-୧୪୫.......... ବେରୁତ ୨୦୦୫)***

ହଜରତ ଅବୁବକର ର:ଅଙ୍କ ବଂଶକ୍ରମର ସପ୍ତମ ପୀଢ଼ୀ ଅର୍ଥାତ ମର୍‌ରାଙ୍କ ମାଧ୍ୟମରେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ବଂଶ ସହିତ ମିଳିତ ହୋଇଯାଉଛି । ***(ହଜରତ ଅବୁ ବକର୍ ସଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍, ପୃ-୫୭..... ଝେଲମ୍)*** ସେହିପରି ହଜରତ ଅବୁ ବକର୍ ର:ଅଙ୍କ ମାଆଙ୍କ ବଂଶାନୁକ୍ରମ ଅଜା ଓ ଜେଜ ଉଭୟଙ୍କ ତରଫରୁ ଯାଇ ଷଷ୍ଠ ପିଢ଼ୀରେ ରସୁଲୁଲ୍ଲାଃ ସ:ଆ:ସଙ୍କ ବଂଶ ସହିତ ମିଶୁଅଛି । ***(ସୟଦନା ଅବୁ ବକର୍ ସିଦ୍ଦିକ୍ କେ ସୁନ୍‌ହରି ୱାକେୟାତ୍ ଅଜ୍ ଅବ୍‌ଦୁଲ ମାଲିକ୍ ମୁଜାହିଦ୍, ପୃ-୨୯ ମୁଦ୍ରିତ ଦାରୁସ୍ ସଲମ୍)*** ଅବୁ କାହାଫାଙ୍କ ପତ୍ନୀ ଉମ୍ମୁଲ୍ ଖୈରାନଙ୍କ ଚଚାଙ୍କ କନ୍ୟା ଥିଲେ ***(ଅର୍‌ରୌଜୁଲ୍ ଅନଫ୍, ଖଣ୍ଡ-୧, ପୃ-୪୩୦ "ଇସ୍‌ଲାମ୍ ଅବି ବକର୍"....... ବେରୁତ୍ ପ୍ରଥମ ପ୍ରକାଶନ୍)*** ଅର୍ଥାତ ହଜରତ ଅବୁବକର ର:ଅଙ୍କ ମାଆ ତାଙ୍କ ପିତାଙ୍କର ଚଚା ଝିଅ ଥିଲେ (ଯେ କି ପରବର୍ତ୍ତୀ ସମୟରେ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ, ଯାହାଙ୍କ ଔରଷରୁ ହ. ଅବୁବକର ସିଦ୍ଦିକ୍ ର:ଅ ଜନ୍ମଗ୍ରହଣ କରିଥିଲେ) ହଜରତ ଅବୁବକର ର:ଅଙ୍କ ପିତାମାତା ହଜରତ ଅବୁ ବକର୍ ର:ଅଙ୍କ ସ୍ୱର୍ଗବାସ ହେବାପରେ ମଧ୍ୟ ଜିବୀତ ଥିଲେ ଏବଂ ସେମାନେ ନିଜ ପୁତ୍ର ଅର୍ଥାତ ହଜରତ ଅବୁବକର ର:ଅଙ୍କ ସମ୍ପତିରୁ ଭାଗ ପାଇଥିଲେ । ହଜରତ ଅବୁବକର ର:ଅଙ୍କ ଦେହାନ୍ତ ପରେ ତାଙ୍କ ମାତାଙ୍କର ନିଧନ ହୋଇଥିଲା । ***(ଉସଦୁଲ୍ ଗାବାଃ........ ଖଣ୍ଡ-୭, ପୃ-୩୧୪-୩୧୫...... ୨୦୦୮)*** ଏବଂ ତାଙ୍କ ପିତା ୧୪ ହିଜ୍‌ରୀରେ ୯୭ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ***(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୪୨୪, ଦାରୁଲ୍ ଫିକର୍ ୨୦୦୧)*** ହଜରତ ଅବୁ ବକର ର:ଅଙ୍କ ମାଆବାପା ଦୁଇଜଣ ଯାକ ଇସ୍‌ଲାମ୍ ଗ୍ରହଣ କରିଥିଲେ ।

ଆପଣଙ୍କ ପିତା ମକ୍କା ବିଜୟ ପରେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଥିଲେ । ଏହାର ଅପରପକ୍ଷେ ଆପଣଙ୍କ ମାତା ପ୍ରାରମ୍ଭିକ ପ୍ରାଜର୍ଯ୍ୟରେ ହିଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲେ । ଆପଣଙ୍କ ପିତାଙ୍କ ବିଶ୍ୱାସ ଆଣିବାର ଘଟଣା ଏପରିକି ମକ୍କା ବିଜୟ ପୂର୍ବରୁ ସେ ନିଜର ଦୃଷ୍ଟିଶକ୍ତି ହରାଇ ବସିଥିଲେ । ମକ୍କା ବିଜୟ ପରେ ହଜୁର ସ:ଆ:ସ ଯେତେବେଳେ ମସ୍‌ଜିଦ୍ ହରାମ୍‌ରେ ପ୍ରବେଶ କଲେ ସେତେବେଳେ ହଜରତ ଅବୁବକର ର:ଅ ନିଜ ପିତାଙ୍କୁ ସାଥିରେ ନେଇ ହଜୁର ସ:ଆ:ସଙ୍କ ସେବାରେ ହାଜର ହେଲେ ତାଙ୍କୁ ଦେଖି ହଜୁର ସ:ଆ:ସ କହିଲେ, ହେ ଅବୁବକର ତୁମେ ଏପରି ବୃଦ୍ଧ ବୟସ୍କ ବ୍ୟକ୍ତିଙ୍କୁ ଘରେ ରହିବାକୁ ଦେଇଥାନ୍ତ ଏଠାକୁ କାହିଁ ଆଣିଲ ? ମୁଁ ତାଙ୍କୁ ସାକ୍ଷାତ କରିବାକୁ ଚାଲିଯାଇଥାନ୍ତି । ଏଥିରେ ହଜରତ ଅବୁବକର ର:ଅ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ୍ ! ସେ ଏହାର ଅଧିକାରୀ ଯେ, ସେ ସ୍ୱୟମ ନିଜ ପାଦରେ ଆପଣଙ୍କ ନିକଟରେ ଆପଣଙ୍କ ସେବାରେ ହାଜର ହୁଅନ୍ତୁ ଏହା ପରିବର୍ତେ କି ଆପଣ ତାଙ୍କୁ ସାକ୍ଷାତ କରିବାକୁ ପ୍ରସ୍ଥାନ କରିଥାନ୍ତେ । ସେଥିଅନ୍ତେ ହଜରତ ଅବୁବକର ର:ଅ ତାଙ୍କୁ ହଜୁର ସ:ଆ:ସଙ୍କ ସମ୍ମୁଖରେ ବସାଇଲେ । ହଜୁର ସ:ଆ:ସ ତାଙ୍କ ଛାତିରେ ହାତ ବୁଲାଇ ଆଣିଲେ ଏବଂ କହିଲେ, ଇସ୍‌ଲାମ୍ ସ୍ୱୀକାର କରିନିଅ, ଆପଣ ସୁରକ୍ଷା ବଳୟ ମଧ୍ୟକୁ ଚାଲିଆସିବେ । ବସ୍ତୁତଃ ସେ ଏହି ପ୍ରସ୍ତାବକୁ ସ୍ୱୀକାର କରିନେଲେ ଏବଂ ଇସ୍‌ଲାମ୍‌ରେ ଅନ୍ତର୍ଭୁକ୍ତ ହୋଇଗଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୩୭୫...... ବେରୁତ ୨୦୦୫)***

ହଜରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି: ଅବୁ କାହାଫାଙ୍କୁ ମକ୍କା ବିଜୟ ଦିନ ଅଣାଗଲା ଓ ସେତେବେଳେ ତାଙ୍କ ମୁଣ୍ଡର ଚୁଟି ଓ ଦାଢ଼ି ସଗାମା ପରି ଧଳା ହୋଇଯାଇଥିଲା । ସଗାମା ହେଉଛି ପାହାଡ଼ ଉପରେ ଫୁଟୁଥିବା ଗୋଟିଏ ପ୍ରକାର ଫୁଲର ପ୍ରଜାତି ଯାହାକି ଧବଳ ବର୍ଣ୍ଣର ଅଟେ । ଅତଃ ହଜୁର ସ:ଆ:ସ କହିଲେ, ତାଙ୍କ ଦାଢ଼ିରେ ଅନ୍ୟ କୌଣସି ରଙ୍ଗ ଲଗାଇ ଦିଅ ଅର୍ଥାତ ସେଥିରେ ଖେଜାବ୍ ଲାଗିଇ ଦିଅ କିନ୍ତୁ କଳା ରଙ୍ଗରୁ ଦୂରେଇ ରୁହ ***(ସହି ମୁସ୍‌ଲିମ୍, କିତାବୁଲ୍ ଅଦବ୍...... ହଦିସ୍-୩୯୧୧ ମୁତରଜିମ୍, ଖଣ୍ଡ-୧୧, ପୃ-୧୯୮-୧୯୯)***

ଏମିତି କହିବାର ଅର୍ଥ ଏହା ନଥିଲା ଯେ କଳାରଙ୍ଗ ଭଲ ନୁହେଁ ବରଂ ମହାଭାଗ ସ:ଆ:ସଙ୍କ କହିବାର ତାତ୍ପର୍ଯ୍ୟ ଏହା ହୋଇପାରେ ଯେ ଏ ବୟସରେ ସମ୍ପୂର୍ଣ୍ଣ କଳାରଙ୍ଗ ତାଙ୍କ ଚେହେରାକୁ ଭଲ ଲାଗିବ ନାହିଁ ତେଣୁ ତାଙ୍କୁ ଅନ୍ୟ କୌଣସି ରଙ୍ଗ ଲଗାଇ ଦିଅ ଅର୍ଥାତ ଖେଜାବ୍ ଲଗାଇ ଦିଅ ।

ସିରତ୍ ହଲ୍‌ବିୟାରେ ଉଲ୍ଲେଖ ରହିଛି ହଜରତ ଅବୁବକର ର:ଅଙ୍କର ମାତା ପ୍ରାରମ୍ଭିକ ସମୟରେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଯାଇଥିଲେ, ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ମୁସଲମାନ ହୋଇଯାଇଥିଲେ । ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ଆପଣଙ୍କ ପବିତ୍ର ସାହାବାମାନଙ୍କ ସଂଖ୍ୟା ମାତ୍ର ୩୮ ଥିଲା ଏବଂ ସଭିଏଁ ଦାରେ ଅର୍‌କମ୍‌ରେ ଶରଣ ନେଇ ଉପାସନା କରୁଥିଲେ, ପ୍ରଭୁଙ୍କ ମହିମାଗାନ କରୁଥିଲେ ସେତେବେଳେ ହଜରତ ଅବୁବକର ର:ଅ ମହାଭାଗ ସ:ଆ:ସଙ୍କ ନିକଟରେ ଏହି ନିବେଦନ କରି ଆପଣଙ୍କୁ ମସ୍‌ଜିଦ୍ ହରାମ୍‌କୁ ନେଇଗଲେ । ହଜୁର ସ:ଆ:ସଙ୍କୁ ହଜରତ ଅବୁବକର ର:ଅ ବାରମ୍ବାର କହିଲେ ଯେ, ହଜୁର ଚାଲନ୍ତୁ ମସ୍‌ଜିଦ୍ ହରାମ୍‌ରେ ପ୍ରକାଶ୍ୟ ରୂପେ ନିଜ ଧର୍ମର ଆମେ ଘୋଷଣା କରିବା । ହଜୁର ସ:ଆ:ସ ଏଥିରେ କହିଲେ ହେ ଅବୁବକର ! ବର୍ତମାନ ଆମମାନଙ୍କ ସଂଖ୍ୟା ଖୁବ୍ କମ୍ ରହିଛି କିନ୍ତୁ ହଜରତ ଅବୁବକର ର:ଅ ବାରମ୍ବାର ନିବେଦନ କରିବାରୁ ଶେଷରେ ହଜୁର ସ:ଆ:ସ ସମସ୍ତ ସାହାବାଙ୍କ ସାଥିରେ ମସ୍‌ଜିଦ୍ ହରାମ୍ ଅଭିମୁଖେ ବାହାରିଗଲେ ଏବଂ ଲୋକମାନଙ୍କୁ ଅଲ୍ଲାଃଙ୍କ ମାର୍ଗ ଅର୍ଥାତ ସତ୍‌ମାର୍ଗ ଆଡ଼କୁ ଡ଼ାକରା ଦେଲେ ଏହିପରି ହଜରତ ଅବୁବକର ର:ଅ ଆଁ ହଜରତ ସ:ଆ:ସଙ୍କ ପରେ ଇସ୍‌ଲାମ୍‌ର ସର୍ବପ୍ରଥମ ଖତିବ୍ ଅର୍ଥାତ ସମ୍ବୋଧନକାରୀ ହୋଇଗଲେ ଯିଏ ଲେଶକମାନଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକିଥିଲେ । ତାହା ଶୁଣି ଅମାନ୍ୟକାରୀମାନେ ହଜରତ ଅବୁବକର ର:ଅ ଏବଂ ମୁସଲମାନମାନଙ୍କ ଉପରେ ଅର୍ତକିତ ଭାବରେ ଆକ୍ରମଣ କରିଦେଲେ ଏବଂ ଅତି ନିର୍ମମ ଭାବରେ ସେମାନଙ୍କୁ ପିଟିଲେ । ହଜରତ ଅବୁବକର ର:ଅକୁ ସେମାନେ ନିଜ ପାଦ ତଳେ ଏଭଳି ଦଳା ଚକଟା କଲେ  ଯେ ସେ ମୃତ୍ୟୁର ନିକଟବର୍ତୀ ହୋଇଯାଇଥିଲେ । ଅର୍ଥାତ ଶେଷ ନିଶ୍ୱାସ ତ୍ୟାଗ କରିବା ମୁହାଣରେ ପହଂଚିଯାଇଥିଲେ । ଉତ୍‌ବା ବିନ୍ ରବିୟା ହଜରତ ଅବୁବକର ର:ଅଙ୍କୁ ଜୋତାରେ ମାଡ଼ ମାରୁଥିଲା ଯେଉଁଥିରେ ଦୁଇ ପରସ୍ତ ଚମଡ଼ା ଲାଗିଥିଲା ସେ ତା ଜୋତାରେ ହଜରତ ଅବୁବକର ର:ଅଙ୍କ ମୁହଁଙ୍କୁ ଏତେମାତ୍ରାରେ ମାରିଲା ଯେ ମୁହଁ ଫୁଲିଯିବା ଯୋଗୁଁ ତାଙ୍କ ନାକକୁ ଚିହ୍ନି ହେଉନଥିଲା । ପୁଣି ବନୁ ତୟମ୍‌ର ଲୋକମାନେ ଧାଇଁ ଆସିଲେ ଏବଂ ଅମାନ୍ୟକାରୀଙ୍କ କବଳରୁ ହଜରତ ଅବୁବକର ର:ଅଙ୍କୁ ରକ୍ଷା କଲେ । ବନୁ ତୟମ୍‌ର ଲୋକମାନେ ତାଙ୍କୁ ଗୋଟିଏ କପଡ଼ାରେ ଉଠାଇ ତାଙ୍କ ଘରେ ପହଂଚାଇଲେ କାରଣ ସେମାନେ ହଜରତ ଅବୁବକର ର:ଅଙ୍କ ଗୋଷ୍ଠିର ଥିଲେ (ଆପଣ ର:ଅଙ୍କ ସହିତ ସେମାନଙ୍କର ସମ୍ପର୍କ ଅତି ନିବିଡ଼ ଥିଲା । ସେମାନେ ଆପଣଙ୍କ ସୁଭାକାକ୍ଷିଂ ଥିଲେ) ସେମାନେ ଏହା ଭାବିନେଲେ ଯେ ଏବେ ଅବୁ ବକରଙ୍କ ମୃତ୍ୟୁ ହୋଇଯାଇଛି । ସେଥିଅନ୍ତେ ସେମାନେ ମସ୍‌ଜିଦ୍ ହରାମ୍‌କୁ ଫେରିଆସି ଅର୍ଥାତ ବନୁ ତମିମ୍‌ର ଲୋକମାନେ ଫେରିଆସି ଖାନାକାବା ସମ୍ମୁଖରେ କହିଲେ, ଅଲ୍ଲାଃଙ୍କ ରାଣ ! ଯଦି ଅବୁବକର ର:ଅଙ୍କର ଏହି ମାଡ଼ ଯୋଗୁଁ ନିଧନ ହୁଏ ଅର୍ଥାତ ଯଦି ସେ ଦେହ ତ୍ୟାଗ କରନ୍ତି ତେବେ ଆମେ ଉତ୍‌ବାକୁ ହତ୍ୟା କରିଦେବୁ । ତା'ପରେ ସେମାନେ ହଜରତ ଅବୁବକର ର:ଅଙ୍କ ନିକଟକୁ ଫେରି ଆସିଲେ ଏବଂ ଅବୁ କାହାଫା ସମେତ ସେମାନେ ହଜରତ ଅବୁବକର ର:ଅଙ୍କର ସହିତ କଥା ହେବାକୁ ଚେଷ୍ଟା କଲେ କିନ୍ତୁ ସେ ଚେତାଶୂନ୍ୟ ଅବସ୍ଥାରେ ଥିବାରୁ କିଛି ଉତର ଦେଇପାରିଲେନାହିଁ । ପରିଶେଷରେ ଦିନର ତୃତୀୟ ଭାଗରେ ଯେତେବେଳେ ହଜରତ ଅବୁବକର ର:ଅଙ୍କ ଚେତା ଫେରିଲା ସେତେବେଳେ ସର୍ବପ୍ରଥମେ ସେ ହଜୁର ସ:ଆ:ସଙ୍କ ଅବସ୍ଥା ବିଷୟରେ ପଚାରିଲେ ଯେ ହଜୁରଙ୍କର ଅବସ୍ଥା କିପରି ଅଛି ? ହଜୁରଙ୍କର ଖବର ମତେ ବତାନ୍ତୁ । କିନ୍ତୁ ଲୋକମାନେ ତାଙ୍କର କୌଣସି ଉତର ଦେଲେନାହିଁ କିନ୍ତୁ ହଜରତ ଅବୁବକର ର:ଅ ବାରମ୍ବାର ଏହି କଥା ପଚାରି ଚାଲୁଥିଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କର ଅବସ୍ଥା କ'ଣ !  ଏଥିରେ ତାଙ୍କ ମାଆ ତାଙ୍କୁ କହିଲେ ଈଶ୍ୱରଙ୍କ ରାଣ ? ମତେ ତୁମ ସାଙ୍ଗର ଅବସ୍ଥା କିଛି ବି ଜଣାନାହିଁ । ସେଥିଅନ୍ତେ ହଜରତ ଅବୁବକର ର:ଅ ନିଜ ମାତାଶ୍ରୀଙ୍କୁ ଉମ୍ମେ ଜମିଲ୍ ଯିଏ କି ହଜରତ ଉମର ର:ଅଙ୍କ ଭଗିନୀ ଥିଲେ ତାଙ୍କ ନିକଟକୁ ପ୍ରେରଣ କଲେ ସେହି ଉମ୍ମେ ଜମିଲ୍ ଯିଏ ମୁସଲମାନ ହୋଇ ସାରିଥିଲେ କିନ୍ତୁ ନିଜ ଇସ୍‌ଲାମ୍ ଗ୍ରହଣ କରିବା କଥାକୁ ସେ ଗୋପନ ରଖିଥିଲେ । ଉମ୍ମେ ଜମିଲ୍ ହଜରତ ଅବୁବକର ର:ଅଙ୍କ ନିକଟକୁ ଆସିଲେ ତାଙ୍କୁ ହଜରତ ଅବୁବକର ର:ଅଙ୍କ ମାତାଙ୍କ ସମ୍ମୁଖରେ ହଜୁର ସ:ଆ:ସଙ୍କ ଅବସ୍ଥା ପଚାରିବାକୁ ଭୟ କରୁଥିଲେ ଯେତେବେଳେ ହଜରତ ଅବୁବକର ର:ଅ ତାଙ୍କୁ ପଚାରିଲେ ଯେ ହଜୁର ସ:ଆ:ସଙ୍କ ଅବସ୍ଥା କିପରି ଅଛି ? ସେତେବେଳେ ଉମ୍ମେ ଜମିଲ୍ କହିଲେ, ଏହା ତୁମ ମାତା ମଧ୍ୟ ଶୁଣୁଛନ୍ତି ଏଥିରେ ହଜରତ ଅବୁବକର ର:ଅ କହିଲେ, ସେ ତୁମ ରହସ୍ୟ କଦାପି ପ୍ରକାଶ୍ୟ କରିବେ ନାହିଁ । ଏଥିରେ ଉମ୍ମେ ଜମିଲ୍ କହିଲେ ହଜୁର ସ:ଆ:ସ ଦାରେ ଅର୍‌କମ୍‌ରେ ସକୁଶଳେ ଅଛନ୍ତି । ଆପଣ ସ:ଆ:ସଙ୍କ ଦେହ ପା ଭଲ ଅଛି । ହଜରତ ଅବୁବକର ର:ଅ କହିଲେ, ଅଲ୍ଲାଃଙ୍କ ରାଣ ! ମୁଁ ସେ ପର୍ଯ୍ୟନ୍ତ ଖାଦ୍ୟକୁ ରଖିବି ନାହିଁ ଯେପର୍ଯ୍ୟନ୍ତ କି ମୁଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ନ ହୋଇଯାଇଛି ହଜରତ ଅବୁ ବକର୍ ର:ଅଙ୍କ ମା' ବତାଇଲେ ଯେ ଆମେ କିଛି ସମୟ ଅବୁ ବକର୍ ର:ଅଙ୍କୁ ରୋକି ରଖିଲୁ । ପୁଣି ଯେତେବେଳେ ଲୋକମାନଙ୍କର ଯିବା ଆସିବା ଥମି ଗଲା ଓ ଶୂନ୍‌ଶାନ୍ ହୋଇଗଲା, ଆମେ ଅବୁ ବକର୍ ର:ଅଙ୍କୁ ଦେଖି ବାହାରିଲୁ । ଅତଏବ ହଜରତ ଅବୁବକର ର:ଅ ସେହି ଅବସ୍ଥାରେ ହିଁ ସାହାରା ନେଇ ପଡ଼ି ଉଠି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଗଲେ ଏବଂ ହଜୁରଙ୍କୁ ଦେଖି ଆପଣ ଭିଷଣ ରୂପେ ଭାବବିହ୍ୱଳ ହୋଇପଡ଼ିଲେ । ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କ ଏପରି ଅବସ୍ଥା ଦେଖି ତାଙ୍କୁ ଚୁମ୍ବନ ଦେବାପାଇଁ ତାଙ୍କ ଆଡ଼କୁ ନଇଁ ପଡ଼ିଲେ । ପୁଣି ମୁସଲମାନ ହଜରତ ଅବୁ ବକର୍ ର:ଅଙ୍କୁ ଚୁମ୍ବନ ଦେବା ପାଇଁ ଆଗକୁ ବଢ଼ିଲେ । ତା'ପରେ ହଜରତ ଅବୁ ବକର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ମତେ କେବଳ ଏତିକି ଦୁଃଖ ଯେ ଯେଉଁ ଲୋକମାନେ ମୋ ମୁହଁକୁ ମାରିଛନ୍ତି ଓ ହଜରତ ଅବୁବକର ର:ଅ କହିଲେ ଯେ ମୋ ମାଆ ମୋ ସହିତ ଉତମ ଆଚରଣ ପ୍ରଦର୍ଶନ କରୁଛନ୍ତି । ସମ୍ଭବତଃ ଦୟାମୟ ପ୍ରଭୁ ଆପଣଙ୍କ ମାଧ୍ୟମରେ ତାଙ୍କୁ ଅଗ୍ନୀର ଶାସ୍ତିରୁ ରକ୍ଷା କରିଦେବେ ଅର୍ଥାତ ହଜରତ ଅବୁ ବକର୍ ର:ଅଙ୍କ ମା' ଯଦି ମୁସଲ୍‌ମାନ୍ ହୋଇଯିବେ ତା'ହେଲେ ନର୍କରୁ ବଂଚିଯିବେ । ସେଥିଅନ୍ତେ ହଜୁର ସ:ଆ:ସ ଆପଣଙ୍କ ମାତାଙ୍କ ପାଇଁ ଦୁଆ କଲେ ଏବଂ ତାଙ୍କୁ ଇସ୍‌ଲାମ୍ ପ୍ରତି ଆମନ୍ତ୍ରିତ କଲେ ଯାହାକୁ ସେ ସ୍ୱୀକାର କରିନେଲେ ।

***(ସିରତୁଲ୍ ହଲ୍‌ବିୟା ଖଣ୍ଡ-୧, ପୃ-୪୧୮-୪୧୯..... ବେରୁତ ୨୦୦୨)***

ଇସାବା ପୁସ୍ତକରେ, ଯାହା ହେଉଛି ସାହାବାମାନଙ୍କ ଜୀବନୀର ମାନ୍ୟତା ପ୍ରାପ୍ତ ପୁସ୍ତକ, ତା ମୁତାବକ ହଜରତ ଅବୁ ବକର୍ ର:ଅ ଆମୁଲ୍ ଫିଲ୍‌ର ଅଢ଼େଇ ବର୍ଷ ପରେ ଜନ୍ମ ହୋଇଥିଲେ ।

***(ଅଲ୍‌ଅସାବାଃ...... ଖଣ୍ଡ-୪, ପୃ-୧୪୫......... ବେରୁତ ୨୦୦୫)***

ହଜରତ ଅବୁବକର ର:ଅଙ୍କ ଜନ୍ମଗ୍ରହଣ ହେବା ପ୍ରସଙ୍ଗରେ ଯେଉଁ ବର୍ଣ୍ଣନାମାନ ରହିଛି ସେଥି ମୁତାବକ  ତାରିଖେ ତବ୍‌ରି ଓ ତବକାତୁଲ୍ କୁବ୍‌ରା'ର ଇତିହାସ ପୃଷ୍ଠା ଅନୁଯାୟୀ ସେ ଆମୁଲ୍ ଫିଲ୍‌ର ତିନିବର୍ଷ ପରେ ଜନ୍ମଗ୍ରହଣ କରିଥିଲେ ***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୫୧............ ବେରୁତ ୨୦୧୨) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୩୪୮..... ବେରୁତ୍)*** କିନ୍ତୁ ଯେପରି ମୁଁ ପୂର୍ବେ ଆଲୋଚନା କରି ଆସିଲି ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଆମୁଲ୍ ଫିଲ୍‌ର ଅଢ଼େଇ ବର୍ଷ ପୂର୍ବରୁ ଆପଣଙ୍କର ଜନ୍ମଗ୍ରହଣ ହୋଇଯାଇଥିଲା ।

ହଜରତ ଅବୁବକର ର:ଅଙ୍କର ଗୋଟିଏ ଲକଦ୍ ଅର୍ଥାତ ଉପାଧି ଥିଲା "ଅତିକ୍" ଓ ଆଉ ଗୋଟିଏ ଲକଦ୍ ଥିଲା "ସିଦ୍ଦିକ୍" "ଅତିକ୍" ନାମକରଣ ହେବାର କାରଣ କ'ଣ ଥିଲା ? ଏଥି ସଂକ୍ରାନ୍ତରେ ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି: ଏକଦା ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ହଜୁର ସ:ଆ:ସ ତାଙ୍କୁ କହିଲେ, **ଅନ୍‌ତା ଅତିକୁଲ୍ଲାହି ମିନନ୍ ନାରି** ଅର୍ଥାତ ତୁମେ ଅଲ୍ଲାଃଙ୍କ ଅଗ୍ନୀରୁ ମୋକ୍ଷ ପ୍ରାପ୍ତ କରିନେଇଛ । ଅତଏବ ସେହି ଦିନଠାରୁ ହଜରତ୍ ଅବୁ ବକର୍ ର:ଅଙ୍କୁ "ଅତିକ୍" ଲକଦ୍ (ଅର୍ଥାତ ଟାଇଟେଲ୍) ଦିଆଗଲା

***(ସୁନନେ ତିର୍‌ମିଜି, କିତାବୁଲ୍ ମନାକିବ୍...... ହଦିସ୍-୩୬୭୯)***

ଆଉ କେତେକ ଐତିହାସିକ କୁହନ୍ତି: ଅତିକ୍ ତାଙ୍କର ନାମ ଥିଲା ତାଙ୍କର ଟାଇଟଲ୍ ନଥିଲା କିନ୍ତୁ ଅଲ୍ଲାମା ଜଲାଲୁଦ୍ଦିନ୍ ସୁୟୁତି ତାରିଖୁଲ୍ ଖୁଲୁଫାରେ ଇମାମ୍ ନବୱି ପ୍ରସଙ୍ଗରେ ଲେଖିଛନ୍ତି: ହଜରତ ଅବୁବକର ର:ଅଙ୍କ ନାମ ଅବ୍‌ଦୁଲ୍ଲାଃ ଥିଲା ବାସ୍ତବିକ ଏହା ହିଁ ସୁପ୍ରଶିଦ୍ଧ ଓ ସଠିକ୍ ଏବଂ ଏକଥା ମଧ୍ୟ କୁହାଯାଏ ଯେ ଅତିକ୍ ଆପଣ ର:ଅଙ୍କ ଉପାଧି ଥିଲା ନା କି ନାମ ଏଥିରେ ଅଧିକାଂଶ ଓ୍ୱଲେମା ଏକମତ ଅଛନ୍ତି ଯେ ଅତିକ୍ ହଜରତ ଅବୁ ବକର୍ ର:ଅଙ୍କର ଉପାଧି ଥିଲା ନାମ ନୁହେଁ ।

***(ତାରିଖୁଲ୍ ଖୁଲ୍‌ଫାଆ ପୃ-୨୭.......ବେରୁତ ୧୯୯୯)***

ସିରତ୍ ଇବ୍‌ନେ ହିଶାମ୍‌ରେ ଲେଖା ଅଛି ଯେ, ହଜରତ ଅବୁ ବକର୍ ର:ଅ ସୁନ୍ଦର ଚେହେରା ଓ ରୂପରଙ୍ଗ ଯୋଗୁଁ ତାଙ୍କ ନାମ ଅତିକ୍ ପଡ଼ିଗଲା ।

*(ସିରତୁନ୍ ନବୱିୟା......ପୃ-୧୧୭, ଦାରେ ଇବ୍‌ନେ ହଜମ୍ ୨୦୦୯)*

ସିରତ୍ ଇବ୍‌ନେ ହୁଶାମ୍‌ର ଶରହ୍‌ରେ ଅତିକ୍ ଟାଇଟଲ୍ ବିଷୟରେ ତାହାର ଏକାଧିକ କାରଣ ଏପରି ଉଲ୍ଲେଖ ରହିଛି ଯେ, ଅତିକ୍‌ର ଅର୍ଥ ହେଉଛି ସୌନ୍ଦର୍ଯ୍ୟ ଓ ଉତମ ଗୁଣବାନ ଅର୍ଥାତ ହଜରତ ଅବୁ ବକର୍ ର:ଅଙ୍କୁ ଅପବାଦ ଓ ଦୋଷ ଦୁର୍ବଳତାରୁ ନିବୃତ ରଖାଯାଇଛି । ଏହା ମଧ୍ଯ କୁହାଯାଏ ଯେ, ଆପଣଙ୍କୁ ଏଥିସକାଶେ ଅତିକ୍ କୁହାଯାଉଥିଲା ଯେ ଆପଣଙ୍କ ମାତାଙ୍କର କୌଣସି ସନ୍ତାନ ଜିବୀତ ରହୁନଥିଲେ ଜନ୍ମ ପରେ ଶୈଶବ ଅବସ୍ଥାରେ ହିଁ ସେମାନେ ମୃତ୍ୟୁବରଣ କରୁଥିଲେ ସୁତରାଂ ସେ ଅର୍ଥାତ ହଜରତ ଅବୁବକର ର:ଅଙ୍କର ମାତା ଏହି ମାନସିକ କଲେ ଯେ, ଯଦି ତାଙ୍କର କୌଣସି ସନ୍ତାନ ଆସନ୍ତାରେ ଜୀବିତ ରୁହନ୍ତି ତେବେ ସେ ତାହାର ନାମ ଅବ୍‌ଦୁଲ୍ କାବା ରଖିବେ ଏବଂ ତାକୁ କାବା ପାଇଁ ଉର୍ସ୍ଗ କରିଦେବେ । ଯେତେବେଳେ ହଜରତ ଅବୁ ବକର୍ ର:ଅ ଜନ୍ମ ହେଲେ ଓ ଜୀବିତ ରହି ଯୁବାବସ୍ଥାରେ ପହଂଚିଲେ, ସେତେବେଳେ ଆପଣଙ୍କ ନାମ ଅତିକ୍ ରଖାଗଲା ଅର୍ଥାତ ଯେପରି ତାଙ୍କୁ ମୃତ୍ୟୁରୁ ସୁରକ୍ଷା ପ୍ରଦାନ କରିଦିଆଯାଇଅଛି ।

*(ଅର୍‌ରୌଜୁଲ୍ ଅନଫ୍....... ଖଣ୍ଡ-୧, ପୃ-୪୩୦.......... ବେରୁତ )*

ଏତଦ୍‌ବ୍ୟତିତ ଅତିକ୍‌ର ବିଭିନ୍ନ କାରଣ ମିଳୁଅଛି କେତେକ ଲୋକ କୁହନ୍ତି ଯେ, ଆପଣଙ୍କ ପ୍ରସଙ୍ଗରେ କେହି କଦାପି କୌଣସି ଲାଞ୍ଛନା ଲଗାଇପାରିନାହାନ୍ତି (ଅର୍ଥାତ କୌଣସି ଦୋଷତ୍ରୁଟି ଆପଣଙ୍କ ଉପରେ କେହି କଦାପି ଲଗାଇନାହାନ୍ତି ଯେ, ଅମୁକ ଦୋଷତ୍ରୁଟି ଆପଣଙ୍କ ଚରିତ୍ରରେ ରହିଥିଲା ବୋଲି) *(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୯୬୩.......... ବେରୁତ)* । ଅତିକ୍‌ର ଗୋଟିଏ ଅର୍ଥ ହେଉଛି ପୁରାତନ । ଯେହେତୁ ଆପଣ ର:ଅ ପ୍ରାରମ୍ଭରୁ ପୂଣ୍ୟ ଓ ସତ୍‌କର୍ମରେ ପ୍ରତିଷ୍ଠିତ ଥିଲେ ସେଥିଯୋଗୁଁ ମଧ୍ଯ ଆପଣଙ୍କୁ ଅତିକ୍ ମଧ୍ଯ କୁହାଯାଏ (ବା ଏହା ମଧ୍ଯ ଗୋଟିଏ କାରଣ ହୋଇପାରେ) ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୧୪୬.......... ବେରୁତ ୨୦୦୫)*

ସେହିପରି ଇସ୍‌ଲାମ୍ ସ୍ୱୀକାର କରିବା ଓ ଉତମ କର୍ମରେ ଆଗକୁ ବଢ଼ିଯିବା ସକାଶେ ଆପଣଙ୍କୁ ଅତିକ୍‌ର ଉପାଧି ମିଳିଥିଲା ।

*(ଉମ୍‌ଦତୁଲ୍ କାରି....... ଖଣ୍ଡ-୧୬, ପୃ-୨୬୦...... ବେରୁତ ୨୦୦୩)*

ହଜରତ ଅବୁବକର ର:ଅଙ୍କ ଦ୍ୱିତୀୟ ଉପାଧି ଥିଲା ସିଦ୍ଦିକ୍ ସେ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ ଅଲ୍ଲାମା ଜଲାଲୁଦ୍ଦିନ୍ ସିୟୁତି ଲେଖିଛନ୍ତି ଯେ ଜମାନା ଜାହିଲିୟତ୍ ଅର୍ଥାତ ଇସ୍‌ଲାମ୍‌ର ପୂର୍ବବର୍ତୀ ସମୟରେ, ତାଙ୍କ ସତ୍ୟତା ଯୋଗୁଁ ଏହି ଉପାଧି ତାଙ୍କୁ ମିଳିଥିଲା । ଏହା ମଧ୍ଯ କୁହାଯାଏ ଯେ, ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଯେଉଁ ଖବର ତାଙ୍କୁ ପହଂଚାଇ ଥିଲେ ସେହି ଖବର ସମ୍ବନ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସମର୍ଥନ କରିବାରେ ଶିଘ୍ର କରିବା ଯୋଗୁଁ ହଜରତ ଅବୁ ବକର୍ ର:ଅଙ୍କର ଏପରି ନାମକରଣ ହୋଇଥିଲା । *(ତାରିଖୁଲ୍ ଖୋଲଫାଆ, ଜଲାଲୁଦ୍ଦିନ୍ ସିୟୁତି, ପୃ-୨୮-୨୯...... ବେରୁତ ୧୯୯୯)*

ଅତଏବ ଏହି ପ୍ରସଙ୍ଗରେ ହଜରତ ଆଇଶା ର:ଅ କୁହନ୍ତି ଯେତେବେଳେ ରାତ୍ର ସମୟରେ ସ୍ୱପ୍ନରେ ହଜୁର ସ:ଆ:ସଙ୍କୁ ବୈତୁଲ୍ ମୁକ୍‌ଦସ୍‌ର ମସ୍‌ଜିଦ୍ ଅକ୍‌ସାକୁ ଘେନି ନିଆଯାଇଥିଲା ଅର୍ଥାତ ବୈତୁଲ୍ ମୁକଦସ୍‌ର ଆପଣ ଯାତ୍ରା କରିଥିଲେ । ତା ପରଦିନ ସକାଳେ ଲୋକମାନେ ଏହି ପରିପ୍ରେକ୍ଷୀରେ କଥାବାର୍ତା ହେଲେ । ଯେତେବେଳେ ମହାଭାଗ ସ:ଆ:ସ ଏକଥା ବତାଇଲେ, ସେତେବେଳେ ଆପଣ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିବା କେତେକ ଲୋକେ ପଛଘୁଂଚା ଦେଇ ଇସ୍‌ଲାମ୍‌ରୁ ଫେରିଗଲେ । ଯେତେବେଳେ ହଜରତ ଅବୁବକର ର:ଅଙ୍କୁ ଏହାର ସୁଚନା ମିଳିଲା ଯେ, ହଜୁର ସ:ଆ:ସ ଏପରି ଘୋଷଣା କରିଛନ୍ତି ଅର୍ଥାତ ବୈତୁଲ୍ ମୁକଦ୍ଦସ୍‌କ ରାତ୍ର ସମୟରେ (ସ୍ୱପ୍ନରେ) ଯିବାର, ସେତେବେଳେ ଆପଣ ର:ଅ କହିଲେ, ନିଶ୍ଚିତ ରୂପେ ତାହାହିଁ ସତ୍ୟ ।

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଏଥି ସକ୍ରାନ୍ତରେ କୁହନ୍ତି: ଯେତେବେଳେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ସମର୍ଥନ କରିଥିଲେ ଯେତେବେଳେ କି ଲୋକମାନେ କହୁଥିଲେ କ'ଣ ହଜୁର ସ:ଆ:ସ ଯାତ୍ରାରେ ବଇତୁଲ୍ ମୁକଦ୍ଦସ୍ ଯାଇଥିବାର ଆପଣ ସମର୍ଥନ କରୁଛନ୍ତି ଯେ, ଏଭଳି ସୁଦୂର ସ୍ଥାନକୁ ପ୍ରଭାତ ପୂର୍ବରୁ ଯାଇ ଅର୍ଥାତ ରାତ୍ର ସମୟରେ ଯାଇ ପ୍ରଭାତ ପୂର୍ବରୁ ମକ୍କା ଫେରିଆସିଲେ, କାରଣ ମକ୍କାଠାରୁ ବଇତୁଲ୍ ମୁକଦ୍ଦସ୍ ପାଖାପାଖି ୧୩୦୦ କିଲୋମିଟର ଦୂରତାରେ ଅବସ୍ଥିତ । ତେବେ ଏଭଳି ସୁଦୁର ସ୍ଥାନକୁ ଯେତେବେଳେ କି ବାହନର ଏଭଳି କୌଣସି ଉନ୍ନତ ଧରଣ ଉପଲବ୍ଧ ନଥିଲା କେବଳ ଓଟ ଓ ଘୋଡ଼ା ଆଦି ବ୍ୟବହାର ହେଉଥିଲା । ଏପରି ଦୂର ସ୍ଥାନକୁ ରାତ୍ର ସମୟରେ ଯାଇ ପ୍ରଭାତ ପୂର୍ବରୁ ଫେରି ଆସିବା କଣ ସମ୍ଭବ । ଏଥିରେ ହଜରତ ଅବୁବକର ର:ଅ ଉତର ଦେଲେ ହଁ ମୁଁ ତା'ର ମଧ୍ଯ ସମର୍ଥନ କରିବି ଯାହାକି ତା'ଠାରୁ ମଧ୍ଯ ଦୂର ହୋଇଥିବ । ଅତଏବ ଏଥିଯୋଗୁଁ ମଧ୍ଯ ଆପଣ ର:ଅଙ୍କର ନାମ ସିଦ୍ଦିକ୍ ପଡ଼ିଯିବାର ଉଲ୍ଲେଖ ରହିଛି । ଅର୍ଥାତ ସତ୍ୟବାଦୀ ବୋଲି ତାଙ୍କୁ କୁହାଯାଉଥିଲା ।

*(ଅଲ୍‌ମୁସ୍‌ତଦ୍‌ରକ୍ ଅଲସ୍ ସହିହୀନ୍....... ଖଣ୍ଡ-୩, ପୃ-୮୧ ହଦିସ୍-୪୪୫୮..... ବେରୁତ ୨୦୦୨) (ଅଟ୍‌ଲସ୍ ସିରତ୍ ନବୱି, ପୃ-୧୩୬)*

ହଜରତ ଅବୁବକର ର:ଅଙ୍କ ପ୍ରସଙ୍ଗରେ ହଜରତ ଅବୁ ହୁରୈରାଃ ର:ଅଙ୍କ ସ୍ୱାଧିନପ୍ରାପ୍ତ କ୍ରିତଦାସ ଅବୁ ୱହାବ୍ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ କହିଲେ ଯେଉଁ ରାତ୍ରରେ ମତେ ଆଧ୍ୟାତ୍ମିକ ଯାତ୍ରାରେ ଜିବ୍‌ରିଲ୍ ବଇତୁଲ୍ ମୁକଦ୍ଦସ୍ ଅଭିମୁଖେ ଘେନି ନେଇଯାଇଥିଲେ ସେତେବେଳେ ଜିବ୍‌ରିଲ୍‌ଙ୍କୁ ମୁଁ ପଚାରିଲି ଯେ, ମୋ ଜାତି ମୋର ଏହି କଥା ଉପରେ ବିଶ୍ୱାସ କରିବେନାହିଁ । ଏଥିରେ ଜିବ୍‌ରିଲ୍ କହିଲେ ୟୁସ୍‌ଦ୍ଦିକୁକା ଅବୁ ବକରିନ୍ ୱ ହୁୱସ୍ ସିଦ୍ଦିକ୍ ଅର୍ଥାତ ଅବୁବକର ଆପଣଙ୍କର ସମର୍ଥନ କରିବେ (ଅର୍ଥାତ କିଏ କରନ୍ତୁ କି ନ କରନ୍ତୁ  ହଜରତ ଅବୁବକର ର:ଅ ଆପଣଙ୍କର ସମର୍ଥନ କରିବେ) ଓ ସେ ହେଉଛନ୍ତି ସିଦ୍ଦିକ୍ ଅର୍ଥାତ ସତ୍ୟବାଦୀ ଏହା ତକ୍‌ବାତୁଲ୍ କୁବ୍‌ରାରେ ଉଲ୍ଲେଖ ରହିଛି ।

*(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୧୨୭........୧୯୯୦)*

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି: ହଜରତ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି, ଯେତେବେଳେ ଇସ୍‌ରାର ଘଟଣା ହେଲା (ଅର୍ଥାତ ସ୍ୱପ୍ନ ଜରିଆରେ ମହାଭାଗ ସ:ଆ:ସଙ୍କୁ ବଇତୁଲ୍ ମୋକଦ୍ଦସ୍‌ର ଯାତ୍ରା କରାଯିବାର ଘଟଣା ହେଲା) ସେତେବେଳେ ଲୋକେ ଦଉଡ଼ି ଦଉଡ଼ି ଯାଇ ହଜରତ ଅବୁବକର ର:ଅ ନିକଟରେ ପହଂଚିଲେ ଏବଂ କହିଲେ, କଣ ତୁମକୁ ଜଣାଅଛି ଯେ ତୁମ ବନ୍ଧୁ କଣ କହୁଛନ୍ତି, ସେ ଉତର ଦେଲେ କଣ କହୁଛନ୍ତି ? ଲୋକେ କହିଲେ ଯେ ସେ କହୁଛନ୍ତି ଗତ ରାତ୍ରରେ ମୁଁ ବଇତୁଲ୍ ମୁକଦ୍ଦସ୍ ଭ୍ରମଣ କରିଆସିଛି । ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଲେଖିଛନ୍ତି ଯଦି ଆପଣ (ଅର୍ଥାତ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ) ମେରାଜ୍‌ର ଭ୍ରମଣ କଥା ମଧ୍ଯ କହିଥାନ୍ତେ ବା ଏ ଘଟଣାକୁ ଏକତ୍ର କରି ବତାଇଥାନ୍ତେ ଅବା ତାହା ଗୋଟିଏ ଘଟଣା ହୋଇଥାଆନ୍ତା ତେବେ ଅମାନ୍ୟକାରୀମାନେ ଅଧିକ ତିବ୍ର ପ୍ରତିବାଦ ଓ ଚିତ୍କାର କରିଥାନ୍ତେ ମହାଭାଗ ସ:ଆ:ସ କେବଳ ଏତିକି କହିଥିଲେ ଯେ ମୁଁ ରାତି ସମୟରେ ବଇତୁଲ୍ ମୋକଦ୍ଦସ୍ ପର୍ଯ୍ୟନ୍ତ ଯାଇଥିଲି । ପୁଣି ଯେତେବେଳେ ହଜରତ ଅବୁ ବକର୍ ର:ଅ ଆଁ ହଜରତ ସ:ଆ:ସଙ୍କର ଏ କଥାରେ ସମର୍ଥନ କଲେ, ଏଥିରେ ଲୋକମାନେ ଅବୁ ବକର୍ ର:ଅଙ୍କୁ କହିଲେ, କ'ଣ ଏପରି ବୁଦ୍ଧିଜ୍ଞାନ ବିପରୀତମୂଳକ ଘୋଷଣାକୁ ଆପଣ ସ୍ୱୀକାର କରିନେବେ ? ଏଥିରେ ହଜରତ ଅବୁବକର ର:ଅ ଉତର ଦେଲେ ମୁଁ ତ ଏହି କଥାର ସମର୍ଥନ କରୁଛି ଯେ, ହଜରତ ଅବୁବକର ର:ଅଙ୍କ ଉପରେ ସଂଞ୍ଜ ଓ ସକାଳେ ଆକାଶରୁ ଐଶିବାଣୀ ମଧ୍ଯ ଅବତୀର୍ଣ୍ଣ ହେଉଅଛି" ।

*(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୨୮୬)*

ହଜରତ ମସିହ ମଉଦ୍ ଆ:ସ କୁହନ୍ତି: ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ଯେଉଁ ସିଦ୍ଦିକ୍‌ର ଉପାଧି ପ୍ରଦାନ କରିଥିଲେ, ସେଥିରେ ଅଲ୍ଲାଃ ହିଁ ଭଲ ରୂପେ ଜାଣିଥିଲେ ଯେ, ଆପଣଙ୍କଠାରେ (ଅର୍ଥାତ ହଜରତ ଅବୁ ବକର୍ ର:ଅଙ୍କଠାରେ) କ'ଣ ବିଶେଷତ୍ୱ ରହିଥିଲା ଆଁ ହଜରତ ସ:ଆ:ସ ଏହା ମଧ୍ଯ କହିଛନ୍ତି ଯେ ହଜରତ ଅବୁ ବକର୍ ର:ଅଙ୍କର ଯେଉଁ ଶ୍ରେଷ୍ଠତା ଥିଲା, ସେଥି ମଧ୍ୟରେ ଏହା ବି ଥିଲା ଯେ ତାଙ୍କ ହୃଦୟରେ ସତ୍ୟତା ଥିଲା ତେଣୁ ହଜରତ ଅବୁବକର ର:ଅ ଯେଉଁ ସତ୍ୟ ନିଷ୍ଠତା ପ୍ରଦର୍ଶନ କରିଥିଲେ ତାହାର ଉଦାହରଣ ମିଳିବା କଷ୍ଟକର । ସତ୍ୟ ହେଉଛି ଏହି କି, ପ୍ରତ୍ୟେକ ଯୁଗରେ ଯେଉଁ ବ୍ୟକ୍ତି ସିଦ୍ଦିକ୍‌ର ସ୍ତର ହାସଲ କରିବାକୁ ଇଚ୍ଛା ପୋଷଣ କରିବ ତାହା ପାଇଁ ଜରୁରୀ ଯେ, ସେ ଅବୁବକର ଙ୍କ ସ୍ୱଭାବ ଓ ଗୁଣ ନିଜ ଭିତରେ ଉତ୍ପନ୍ନ କରିବାପାଇଁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ ଏବଂ ଯଥାସାମର୍ଥ୍ୟ ଦୁଆ କରିବା ଅନିବାର୍ଯ୍ୟ । କାରଣ ଯେପର୍ଯ୍ୟନ୍ତ ଅବୁବକରଙ୍କ ସ୍ୱଭାବ ନିଜ ଭିତରେ ଓ ନିଜ ଉପରେ ଆଣିନାହଁ ଓ ସେହି ରଙ୍ଗରେ ରଙ୍ଗିନ ହୋଇନାହଁ ଯେ ପର୍ଯ୍ୟନ୍ତ ସିଦ୍ଦିକ୍‌ର ଉଚ୍ଚ ସ୍ତରକୁ ସେ କଦାପି ଲଭି ପାରିବନାହିଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୭୨-୩୭୩)*

ଅତିକ୍ ଓ ସିଦ୍ଦିକ୍ ବ୍ୟତିତ ହଜରତ ଅବୁବକର ର:ଅଙ୍କର ଆହୁରି ଅନେକ ଆଖ୍ୟା ଅର୍ଥାତ ଉପାଧି ମଧ୍ୟ ରହିଥିଲା ଯେପରି ଖଲିଫତୁଲ୍ ରସୁଲିଲ୍ଲାଃ ଅତଏବ ଗୋଟିଏ ରିୱାୟତ୍‌ରେ ଏପରି ବର୍ଣ୍ଣିତ ରହିଛି ଯେ, ଜଣେ ବ୍ୟକ୍ତି ହଜରତ ଅବୁବକର

ର:ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ଖଲିଫା ! ଏଥିରେ ଆପଣ ତାହାକୁ କହିଲେ, ନା ଏପରି ମତେ ସମ୍ବୋଧନ କରନାହିଁ ବରଂ ମତେ ଖଲିଫତୁର୍ ରସୁଲ୍ କୁହ ଅର୍ଥାତ ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଖଲିଫା ଏବଂ ଏହିଥିରେ ହିଁ ମୁଁ ରାଜି ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୩୭...... ବେରୁତ ୧୯୯୦)***

ସହି ବୁଖାରୀର ଶାରେହ୍ (ବ୍ୟାଖ୍ୟାକାରୀ) ଅଲାମା ବଦ୍‌ରୁଦ୍ଦିନ୍ ଅଇନି କୁହନ୍ତି: ଐତିହାସିକମାନେ ଏକଥାରେ ଏକମତ ଯେ, ହଜରତ ଅବୁବକର ର:ଅଙ୍କର ଗୋଟିଏ ଉପାଧି ଖଲିଫତୁର୍ ରସୁଲ୍ ମଧ ଥିଲା କିନ୍ତୁ ହଜୁର ସ:ଆ:ସଙ୍କ ଦେହାନ୍ତ ପରେ, ଯେବେ ସେ ଖଲିଫା ହେଲେ, ସେତେବେଳେ ତାଙ୍କୁ ଏପରି ସମ୍ବୋଧନ କରାଗଲା । ତେଣୁ ଆମେ ଏହା କହିପାରିବା ନାହିଁ ଯେ, ଏହି ଉପାଧି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ କାଳରେ ଆପଣଙ୍କୁ ମିଳିଥିଲା ବୋଲି ବରଂ ଏହା ପରେ ମିଳିଥିଲା । ଲୋକମାନେ ରଖିଥିଲେ ଅବା ଆପଣ ସ୍ୱୟମ ନିଜ ପାଇଁ ପସନ୍ଦ କରିନେଇଥିଲେ ।

ଆଉ ଏକ ଉପାଧି ଥିଲା "ଅୱାହୁନ୍" ଏହାର ଅର୍ଥ ହେଉଛି ବହୁତ ନମ୍ର ଓ ଦୟାଳୁ । ତବ୍‌କାତୁଲ୍ କୁବ୍‌ରାରେ ଲେଖାଯାଇଛି ଯେ ହଜରତ ଅବୁ ବକର ର:ଅଙ୍କୁ ତାଙ୍କର ଏପରି ନମ୍ର ସ୍ୱଭାବ ଯୋଗୁଁ ଅୱାହୁନ୍ କୁହାଯାଉଥିଲା ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୨୭............ ବେରୁତ ୨୦୧୨)***

ସେହିପରି "ଅମିରୁଶ୍‌ସାକିରିନ୍" ଅର୍ଥାତ କୃତଜ୍ଞାକାରୀମାନଙ୍କ ସର୍‌ଦାର ଗୋଟିଏ ଉପାଧି ଥିଲା***(ଉମ୍‌ଦତୁଲ୍ କାରି..... ଖଣ୍ଡ-୧୬, ପୃ-୨୬୦...... ବେରୁତ ୨୦୦୩)***

"ସାନୀ ଯସ୍‌ନୈନ୍" ମଧ ଗୋଟିଏ ଉପାଧି ଥିଲା ଯାହାକି ଅଲ୍ଲାଃ ପରମବ୍ରହ୍ମ ଆପଣଙ୍କୁ ପ୍ରଦାନ କରିଥିଲେ ଅର୍ଥାତ ଏହି ନାମରେ ଅଲ୍ଲାଃ ତାଲା ଆପଣଙ୍କୁ ସମ୍ବୋଧିତ କରିଥିଲେ । ମଦିନା ହିଜରତ ସମୟରେ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହି ପଂକ୍ତି ଅବତୀର୍ଣ୍ଣ କଲେ **ଇଲ୍ଲା ତନ୍‌ସୁରୁହ୍ ଫକଦ୍...... ଫଅନ୍‌ଜଲଲ୍ଲାହୁ ସକିନତହୁ ଆଲେହି (ତୌବାଃ:୪୦)** ଅର୍ଥାତ ଯେତେବେଳେ ତାଙ୍କୁ ସେହି ଲୋକମାନେ ଯିଏ ଅମାନ୍ୟକାରୀ ଥିଲେ ନିଜ ଅଂଚଳରୁ ବହିଷ୍କାର କରିଦେଲେ ଏପରି ଅବସ୍ଥାରେ କି ଦୁହେଁ ଗୋଟିଏ ଗୁମ୍ଫାରେ ଶରଣ ନେଲେ । ସେ ନିଜ ସାଥିକୁ କହିଲେ, ବ୍ୟସ୍ତ ହୁଅନାହିଁ ସୁନିର୍ଶ୍ଚିତ ରୂପେ ସର୍ବଶକ୍ତିମାନ ଅଲ୍ଲାଃ ଆମ ସାଥିରେ ଅଛନ୍ତି । ସୁତରାଂ ଅଲ୍ଲାଃ ତାଲା ତାଙ୍କୁ ଆଶ୍ୱସ୍ତି ପ୍ରଦାନ କଲେ ।

ହଜରତ ମସିହ ମଉଦ ଆ:ସ କୁହନ୍ତି ଅଲ୍ଲାଃ ତାଲା କଷ୍ଟଦାୟକ ସମୟ ଓ ବିପଦପୂର୍ଣ୍ଣ ମୁହୁର୍ତ୍ତରେ ନିଜ ପ୍ରୀୟ ନବୀ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ହଜରତ ଅବୁବକର ର:ଅଙ୍କ ମାଧ୍ୟମରେ ସାନ୍ତ୍ୱନା ପ୍ରଦାନ କଲେ ଏବଂ ସିଦ୍ଦିକ୍‌ଙ୍କ ନାମ ଅର୍ଥାତ ଉପାଧି ଓ ନବୀ ଶିରୋମଣୀଙ୍କ ସାନ୍ନିଧ ଲାଭ କରିବାର ସୌଭାଗ୍ୟ ପ୍ରଦାନ କଲେ । ଅଲ୍ଲାଃ ତାଲା ତାଙ୍କୁ "ସାନି ଯସ୍‌ନୈନ୍"ର ଉପାଧି ଦ୍ୱାରା ସମ୍ମାନିତ କଲେ ଏବଂ ନିଜ ବିଶେଷ ଭକ୍ତମାନଙ୍କ ମଧ୍ୟରେ ସାମିଲ କଲେ । କ'ଣ ତୁମେ ଏପରି କୌଣସି ବ୍ୟକ୍ତିକୁ ଜାଣିଛ ଯାହାଙ୍କୁ "ସାନିୟସ୍‌ନୈନ୍" ନାମରେ ନାମିତ କରାଯାଇଥିବ, ନୀବ ସ:ଆ:ସଙ୍କ ବନ୍ଧୁ ଭାବରେ ସମ୍ବୋଧନ କରାଯାଇଥିବ ଏବଂ ତାଙ୍କୁ ଏପରି ଶ୍ରେଷ୍ଠତା ମିଳିଥିବ ଯେ ତାଙ୍କ ପାଇଁ ଇନ୍ନଲ୍ଲାହା ମାଅନା ଅର୍ଥାତ- ଅଲ୍ଲାଃ ଆମ ସହିତ ଅଛନ୍ତି କୁହାଯାଇଥିବ ? ସେହିପରି କ'ଣ ତୁମେ ଏପରି କୌଣସି ଲୋକଙ୍କୁ ଜାଣିଛ ଯାହାଙ୍କୁ ପବିତ୍ର କୁରଆନ୍‌ରେ ଉପରୋକ୍ତ ପ୍ରଶଂସା ପରି ପ୍ରଶଂସା ଗାନ କରାଯାଇଥିବ ଓ ଯାହାଙ୍କ ଗୋପନ ଅବସ୍ଥା ପ୍ରସଙ୍ଗରେ ସମସ୍ତ ପ୍ରକାରର ସନ୍ଦେହର ନିବାରଣ କରାଯାଇଥିବ ? ଏ ପ୍ରସଙ୍ଗରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ପ୍ରଭୁଙ୍କ ନିକଟରେ ସ୍ୱୀକୃତି ଲାଭ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସେ ଜଣେ ଥିଲେ । ପ୍ରଭୁଙ୍କ ରାଣ ଏଭଳି ସ୍ପଷ୍ଟ କଥନ ଯାହାକି ପରୀକ୍ଷାରୁ ପ୍ରମାଣିତ ତାହା କେବଳ ହଜରତ ଅବୁବକର ର:ଅଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରଭୁଙ୍କ ରାଣ ! ମୁଁ ତାଙ୍କ ପରି ଅନ୍ୟ କାହାରିକୁ ପାଇଲି ନାହିଁ । ଅତଏବ ତୁମକୁ ଯଦି ମୋର ଏହି କଥନରେ ସନ୍ଦେହ ରହିଛି ଅବା ତୁମେ ଏହା ଚିନ୍ତା କରୁଥାଅ ଯେ, ମୁଁ ସତ୍ୟତାକୁ ଗୋପନ ରଖୁଛି ତେବେ ପବିତ୍ର କୁରଆନ୍‌ରୁ ହିଁ କୌଣସି ଉଦାହରଣ ଉପସ୍ଥାପନ କର ଏବଂ ଆମକୁ ଦେଖାଇ ଦିଅ ଯେ ପବିତ୍ର ଧର୍ମଗ୍ରନ୍ଥରେ ଏହିପରି ସ୍ପଷ୍ଟ ଭାବରେ ଅନ୍ୟ କାହା ପ୍ରସଙ୍ଗରେ ପ୍ରଶଂସା କରାଯାଇଛି ଯେପରି କି ହଜରତ ଅବୁବକର ର:ଅଙ୍କ ପ୍ରସଙ୍ଗରେ ରହିଛି (ଅଲ୍ଲାଃ ତାଲା ଏହା କରିଛନ୍ତି) ଯଦି ତୁମେ ସତ୍ୟବାଦୀ ଅଟ ତେବେ ଦେଖାଅ" ***(ସିର୍‌ରୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ ପୃ-୬୦, ୬୩-୬୪)*** ହଜରତ ମସିହ ମଉଦ ଆ:ସ ଏହା ସିରୁଲ୍ ଖିଲାଫାରେ ଉଲ୍ଲେଖ କରିଛନ୍ତି ।

ହଜରତ ଅବୁବକର ର:ଅଙ୍କର ଆଉ ଗୋଟିଏ ଉପାଧି "ସାହେବୁର୍ ରସୁଲ୍" ମଧ ଥିଲା । ଏକଦା ହଜରତ ଅବୁବକର ର:ଅ ଗୋଟିଏ ଜମାତ୍‌କୁ କହିଲେ ତୁମମାନଙ୍କ ମଧ୍ୟରୁ କିଏ ସୁରାଃ ତୌବାଃ ପଢ଼ିପାରିବା । ଜଣେ କହିଲେ ମୁଁ ପଢ଼ିବି । ସୁତରାଂ ସେ ସୁରାଃ ତୌବାର ଆବୃତି କଲା ଓ ଯେତେବେଳେ ସେ ଏହି ପଂକ୍ତି ଇଜ୍ ୟକୁଲୁ ଲିସାହିବିହି ଲା ତହ୍‌ଜନ୍‌ଠାରେ ପହଂଚିଲା ସେତେବେଳେ ହଜରତ ଅବୁବକର ର:ଅଙ୍କ ଚକ୍ଷୁରୁ ଅଶ୍ରୁଧାର ଝରିପଡ଼ିଲା ଅତଏବ ହଜରତ ଅବୁ ବକର୍ ର:ଅ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ହିଁ ସେହି ସ୍ଥଳେ ହଜରତ ମୁହମ୍ମଦ ସ:ଆ:ସଙ୍କ ସାଥିରେ ଉପସ୍ଥିତି ଥିଲି ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୫୬....... ବେରୁତ ୨୦୦୨)***

ହଜରତ ଅବୁବକର ର:ଅଙ୍କ ଗୋଟିଏ ଉପାଧି ଆଦମେ ସାନି ମଧ ଥିଲା, ଏହି ଉପାଧି ଆପଣଙ୍କୁ ହଜରତ ମସିହ ମଉଦ ଆ:ସ ପ୍ରଦାନ କରିଛନ୍ତି । ହଜରତ ମସିହ ମଉଦ ଆ:ସ ନିଜର ଏକ ଆଲେଖ୍ୟରେ କୁହନ୍ତି: ହଜରତ ଅବୁବକର ର:ଅ ("ଆଦମେ ସାନି" ଅର୍ଥାତ) ଇସ୍‌ଲାମ୍‌ର ଦ୍ୱିତୀୟ ଆଦମ୍ ଥିଲେ ଏବଂ ସେହିପରି ହଜତର ଉମର ଫାରୁକ୍ ଏବଂ ହଜରତ ଉସ୍‌ମାନ୍ ର:ଅ ଯଦି ଧର୍ମର ସଚ୍ଚା ରକ୍ଷକ ହୋଇନଥାନ୍ତେ ତା'ହେଲେ ଆଜି ଆମ ପାଇଁ ଏହା କଷ୍ଟକର ହୋଇଯାଇଥାନ୍ତା ଯେ ପବିତ୍ର କୁରଆନ୍‌ର କୌଣସି ଏକ ଆୟତକୁ ମଧ ଅଲ୍ଲାଃଙ୍କ ତରଫରୁ ଆସିଛି ବୋଲି କହିପାରିଥାନ୍ତୁ ।" ***(ମକ୍‌ତୁବାତେ ଅହ୍‌ମଦ୍, ଖଣ୍ଡ-୨, ପୃ-୧୫୧, ମକ୍‌ତୁବ୍ ନଂ-୨, ମକ୍‌ତୁବ୍ ବନାମ ହଜରତ ନୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ ମୁଦ୍ରିତ ରବ୍‌ୱା)*** ।

ସିରୁଲ୍ ଖିଲାଫାରେ ହଜରତ ମସିହ୍ ମଉଦ ଆ:ସ ଉଲ୍ଲେଖ କରିଛନ୍ତି ଅଲ୍ଲାଃଙ୍କ ରାଣ ହଜରତ ଅବୁବକର ର:ଅ ଇସ୍‌ଲାମ୍‌ର ଦ୍ୱିତୀୟ ଆଦମ୍ ଏବଂ ସୃଷ୍ଟିର ମଙ୍ଗଳକାରୀ ହଜରତ (ମୁହମ୍ମଦ ସ:ଆ:ସ)ଙ୍କ ଉଜ୍ଜ୍ୱଳମୟ ପ୍ରକାଶର ସର୍ବପ୍ରଥମ ଦୃଷ୍ଟାନ୍ତ ଥିଲେ" ।

***(ସିର୍‌ରୁଲ୍ ଖିଲାଫା ଉର୍ଦ୍ଦୁ ଅନୁବାଦ, ପୃ-୫୧-୫୨)***

ସେହିପରି ହଜରତ ଉମର ଓ ହଜରତ ଉସ୍‌ମାନ୍ ର:ଅ ଯଦି ଧର୍ମର ସଚ୍ଚୋଟ ଓ ସନ୍ତକ ରକ୍ଷାକାରୀ ହୋଇନଥାନ୍ତେ ତେବେ ଆଜି ଆମ ପାଇଁ ଏହା କଷ୍ଟକର ବିଷୟ ହୋଇଥାନ୍ତା ଯେ, ପବିତ୍ର କୁରଆନ୍‌ର କୌଣସି ଗୋଟିଏ ହେଲେ ଆୟତକୁ ମଧ ଆମେ ଅଲ୍ଲାଃଙ୍କ ନିକଟରୁ ଆସିଥିବାର କହିପାରିନଥାନ୍ତେ ।

ପୁନଶ୍ଚ "ଖଲିଲୁର୍ ରସୁଲ୍" ନାମକ ଏକ ଉପାଧି ମଧ ଆପଣଙ୍କୁ ମିଳିଛି । ଜୀବନୀର ପୁସ୍ତକଗୁଡ଼ିକରେ ହଜରତ ଅବୁବକର ର:ଅଙ୍କ ଗୋଟିଏ ଉପାଧି ଖଲିଲୁର୍ ରସୁଲ୍ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ଏହାର ମୂଳଦୁଆ ହଦିସ୍‌ର ପୁସ୍ତକରେ ଉଲ୍ଲେଖିତ ରହିଛି । ଗୋଟିଏ ବର୍ଣ୍ଣନାରେ ଦରଜ ରହିଛି ଯେ, ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଲେ: ମୁଁ ଯଦି ଲୋକମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ଖଲିଲ ବନାଇଥାନ୍ତି ଅର୍ଥାତ ନିଜର ମିତ୍ର କରିଥାନ୍ତି ତା'ହେଲେ ନିଶ୍ଚିତ ରୂପେ ହଜରତ ଅବୁବକର ର:ଅଙ୍କୁ ବନାଇଥା'ନ୍ତି । କିନ୍ତୁ ଇସ୍‌ଲାମ୍‌ର ବନ୍ଧୁତ୍ୱ ସୁବଠାରୁ ଉତମ ସୁତରାଂ ସହି ବୁଖାରୀରେ ଉଲ୍ଲେଖ ରହିଛି ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି: ମୃତ୍ୟୁ ସଜ୍ଜ୍ୟା ସମୟରେ ହଜୁର ସ:ଆ:ସ କହିଲେ, ମୁଁ ଯଦି ଲୋକମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ନିଜର ଅନ୍ତରଙ୍ଗ ବନ୍ଧୁ କରିଥାନ୍ତି ତେବେ ହଜରତ ଅବୁବକର ର:ଅଙ୍କୁ ହିଁ କରିଥାନ୍ତି କିନ୍ତୁ ଇସ୍‌ଲାମ୍‌ର ସମ୍ପର୍କ ମୋ ପାଇଁ ସର୍ବାଧିକ ଉତ୍କୃଷ୍ଟ ଉକ୍ତ ମସ୍‌ଜିଦ୍‌ରେ ହଜରତ ଅବୁବକର ର:ଅଙ୍କ ଝରକା ବ୍ୟତିତ ଅନ୍ୟ ସମସ୍ତ ଝରକା ଗୁଡ଼ିକ ବନ୍ଦ କରିଦିଅ ।

***(ସହି ବୁଖାରୀ..... ହଦିସ୍ ନଂ-୪୬୭)***

ଅତଏବ ଆମର ରିସର୍ଚ୍ଚ ସେଲ୍ ଉକ୍ତ ପ୍ରଶ୍ନଟିକୁ ଉତ୍‌ଥାପିତ କରିଛି ଯାହାକି ସଠିକ୍ ଅଟେ । ଅତଏବ ଉକ୍ତ ବର୍ଣ୍ଣନାରୁ ଏହା ସ୍ପଷ୍ଟ ସୂଚନା ମିଳେ ଯେ, ହଜୁର ସ:ଆ:ସଙ୍କର ଯଦି କେହି ମିତ୍ର ଥିଲେ ତେବେ ସେ ହେଉଛନ୍ତି ହଜରତ ଅବୁବକର ର:ଅ । ଉକ୍ତ କଥାର ସ୍ପଷ୍ଟୋକ୍ତି ସ୍ୱୟମ ହଜରତ ମସିହ ମଉଦ ଆ:ସ ଗୋଟିଏ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ଆପଣ ଆ:ସ କୁହନ୍ତି: ହଜୁର ସ:ଆ:ସଙ୍କର ଉକ୍ତ କଥନ ବା ଉକ୍ତି ଯେ "ମୁଁ ଯଦି କାହାରିକୁ ନିଜର ମିତ୍ର ରଖିଥାନ୍ତି ତେବେ ହଜରତ ଅବୁବକର ର:ଅଙ୍କୁ କରିଥାନ୍ତି ଏହାର ତାତ୍ପର୍ଯ୍ୟ ଏହି କି ଯେ, ଯେତେବେଳେ ମୈତ୍ରିକ ସମ୍ପର୍କ ଅତି ନିବିଡ଼ତର ହୋଇଯାଏ ସେତେବେଳେ ମନୁଷ୍ୟ କହିଥାଏ ଯେ ମୋର ସବୁଠାରୁ

ପ୍ରିୟ ମିତ୍ର ଅମୁକ ବ୍ୟକ୍ତି କିନ୍ତୁ ଅଲ୍ଲାଃ ତାଲାଙ୍କ କ୍ଷେତ୍ରରେ ଭକ୍ତର ଏହି ବିଶେଷ ଗୁଣ ରହିଛି ଯେ, ଈଶ୍ୱରମୂଳକ ପ୍ରେମ ତଥା ଭକ୍ତି କେବଳ ସେ ପ୍ରଭୁଙ୍କ ସହିତ ସ୍ଥାପନ କରିଥାଏ । କିନ୍ତୁ ଅନ୍ୟମାନଙ୍କ ପ୍ରତି କେବଳ ଭାତୃତ୍ୱଭାବ ହିଁ ପ୍ରଦର୍ଶନ କରିଥାଏ । ଖୁଲ୍ଲତ୍‌ର ଅର୍ଥ ଭିତରକୁ ଧସି ଯିବା ବା ପଶିଯିବା । ଖୁଲତ୍ ହେଉଛି ଉଚ୍ଚମାନର ପ୍ରତୀକ ଏବଂ ତାହା ଏଭଳି ମୋହ, ପ୍ରେମ ଏବଂ ପ୍ରିତିକୁ ବୁଝାଏ ଯେଉଁଭଳି ଜୁଲେଖା ମନରେ ହଜରତ ୟୁସୁଫ୍ ଆ:ସଙ୍କ ପ୍ରତି ବସା ବାନ୍ଧି ଯାଇଥିଲା । ଅତଏବ ହଜୁର ସ:ଆ:ସଙ୍କ ଉକ୍ତ ପଦରୁ ଏହା ହିଁ ଯଥାର୍ଥ ଯେ, ଅଲ୍ଲାଃ ତାଲାଙ୍କ ପ୍ରେମରେ କେହି ବି ସାମିଲ ହୋଇପାରିବେ ନାହିଁ କିନ୍ତୁ ସଂସାରରେ ହଜୁର ସ:ଆ:ସଙ୍କର ଯଦି କେହି ମିତ୍ର ଥାଏ ତେବେ, ସେ ହେଉଛନ୍ତି ହଜରତ ଅବୁବକର ର:ଅଙ୍କର ଅସ୍ତିତ୍ୱ ।

***(ମଲ୍‌ଫୁଜାତ୍, ଖଣ୍ଡ-୮, ପୃ-୨୭୭)***

ଅତଏବ ହଜୁର ସ:ଆ:ସଙ୍କ ମନରେ ଅଲ୍ଲାଃ ତାଲାଙ୍କ ଯେଉଁ ପ୍ରେମାନୁରାଗ ଭକ୍ତି ରହିଥିଲା ତହିଁରେ ସେ କାହାରିକୁ ମଧ୍ୟ ଅର୍ନ୍ତଭୁକ୍ତ କରୁନଥିଲେ କିନ୍ତୁ ସାଂସାରିକ ମୈତ୍ରିକତାରେ ହଜୁର ଯଦି କାହାରିକୁ ବନ୍ଧୁ ରଖିଥାନ୍ତେ ତେବେ ସେ କ୍ଷେତ୍ରରେ ସେ ହଜରତ ଅବୁବକର ର:ଅଙ୍କୁ ରଖିଥାନ୍ତେ । ଯେପରି କି ଆପଣ କହିଛନ୍ତି । କିନ୍ତୁ ତାହା ଅଲ୍ଲାଃ ତାଲାଙ୍କ ପ୍ରେମ ତୁଳନାରେ ଖୁବ୍ ନଗଣ୍ୟ ଅଟେ । ଅଲ୍ଲାଃ ତାଲାଙ୍କ ସହିତ ସାଂସାରିକ ଲୋକମାନଙ୍କ ଭଳି ବନ୍ଧୁତ୍ୱ ସ୍ଥାପନ କରିବା ଜଣେ ଅବତାର ପକ୍ଷରେ ବିଶେଷ କରି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସକାଶେ ସମ୍ଭବ ନଥିଲା । ଯଦି କୌଣସି ସମ୍ଭାବ୍ୟ ପ୍ରକାଶ୍ୟ ଥିଲା ତେବେ ତାହା କେବଳ ସାଂସାରିକ ଦୃଷ୍ଟିକୋଣରୁ ହିଁ ଥିଲା । ପୁନଶ୍ଚ ହଜୁର ଆ:ସ କହିଲେ ଯେ ଉକ୍ତ ସମ୍ପର୍କରେ ଅର୍ଥାତ ସାଂସାରିକ ସମ୍ପର୍କରେ ହଜୁର ସ:ଆ:ସଙ୍କର ଯଦି କେହି ଘନିଷ୍ଠ ବନ୍ଧୁ ଥିଲେ ତେବେ ସେ ହେଉଛନ୍ତି ହଜରତ ଅବୁବକର ର:ଅ ।

ହଜରତ ଅବୁବକର ର:ଅଙ୍କର କୁନିୟତ ଅର୍ଥାତ ଉପନାମ ଅବୁବକର ଥିଲା ଏବଂ ଏହାର ଏକାଧିକ କାରଣ ବର୍ଣ୍ଣନା ରହିଛି କେତେକଙ୍କ ନିକଟରେ "ବକର୍" ଯବୁ ଓଟକୁ କୁହାଯାଏ । କାରଣ ସେ ଭଲ ଭାବରେ ଓଟର ଲାଳନପାଳନ କରୁଥିଲେ ଓ ଓଟଗୁଡ଼ିକର ଯତ୍ନ ନେଉଥିଲେ ଏବଂ ସେଥିପ୍ରତି ଆପଣଙ୍କର ଅଭିରୁଚି ଓ ଅଭିଜ୍ଞତା ବେଶ୍ ଅଧିକ ରହିଥିଲା ତେଣୁ ଲୋକମାନେ ଆପଣଙ୍କୁ ଅବୁବକର ବୋଲି ସମ୍ବୋଧିତ କରୁଥିଲେ । ସେହି "ବକର୍" ର ଅନ୍ୟ ଏକ ଅର୍ଥ ହେଉଛି ଶିଘ୍ରତା ପ୍ରଦର୍ଶନ କରିବା । କେତେକଙ୍କ ମତରେ ହଜରତ ଅବୁବକର ର:ଅଙ୍କର ଏହି ଉପନାମ ଏଥିପାଇଁ ପଡ଼ିଗଲା ଯେ ସେ ଅନ୍ୟ ମାନଙ୍କ ତୁଳନାରେ ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଥିଲେ । **ଇନ୍ନହୁ ବକ୍‌କରା ଇଲାଲ୍ ଇସ୍‌ଲାମି କବ୍‌ଲା ଗୈରିହି** । ଅର୍ଥାତ ସେ ଅନ୍ୟମାନଙ୍କ ପୂର୍ବରୁ ଇସ୍‌ଲାମ୍ ପ୍ରତି ଆଗଭର ହୋଇଥିଲେ ।

***(ଅଶ୍‌ରା ମୁବଶିରାଃ ଅଜ୍ ବଶିର୍ ସାଜିଦ୍ ପୃ-୪୧.....୨୦୦୦)***

ଅଲ୍‌ମା ଜମ୍‌ହଶ୍‌ରି ଉଲ୍ଲେଖ କରିଛନ୍ତି: ହଜରତ ଅବୁବକର ର:ଅଙ୍କ ପବିତ୍ର ଆଚରଣ ମଧ୍ୟରୁ ଇବ୍‌ତିକାର୍ ଅର୍ଥାତ କାର୍ଯ୍ୟରେ ଅତି ନିମଗ୍ନ ରହିବା ଯୋଗୁଁ ଆପଣ ର:ଅଙ୍କୁ ଅବୁବକର ର:ଅ ବୋଲି କୁହାଯାଉଥିଲା ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୧, ପୃ-୩୯୦....... ବେରୁତ ୨୦୦୨)***

ହଜରତ ଆଇଶା ର:ଅ ହଜରତ ଅବୁବକର ର:ଅଙ୍କ ରୂପ ଓ ଚେହେରା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଯେ, ସେ ଜଣେ ଆରବୀୟ ବ୍ୟକ୍ତିକୁ ପାଦରେ ଚାଲି ଚାଲି ଯାଉଥିବାର ଦେଖିଲେ ଏବଂ ସେ ସେତେବେଳେ ଅର୍ଥାତ ହଜରତ ଆଇଶା ର:ଅ ପାଲିଙ୍କିରେ ବସିଥିଲେ । ଅତଏବ ହଜରତ ଆଇଶା ର:ଅ କହିଲେ ମୁଁ ଉକ୍ତ ବ୍ୟକ୍ତିଙ୍କୁ ହଜରତ ଅବୁବକର ର:ଅଙ୍କ ପରି ସାମଞ୍ଜସ୍ୟତା ରଖୁଥିବାର ଅନ୍ୟ କାହାକୁ ଦେଖିନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ଆମେମାନେ କହିଲୁ ଯେ ଆପଣ ଆମ ପାଇଁ ହଜରତ ଅବୁବକର ର:ଅଙ୍କ ରୂପରଙ୍ଗ (ଅର୍ଥାତ ଶରୀର ଗଠନ) ସମ୍ପର୍କରେ କିଛି କୁହନ୍ତୁ । ପ୍ରତ୍ୟୁତରରେ ହଜରତ ଆଇଶା ର:ଅ କହିଲେ, ହଜରତ ଅବୁବକର ର:ଅ ଗୋରା ଏବଂ ପତଳା ଶରୀର ବିଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କ ଗାଲରେ ମାଂସ ଖୁବ୍ କମ୍ ରହିଥିଲା । ଅଂଟା ବକ୍ରାକାର ଥିଲା ଯଦ୍ଦ୍ୱାରା ଆପଣଙ୍କ ଅନ୍ତବସ୍ତ୍ର ଅଂଟାରେ ଅଟକି ରହୁନଥିଲା ବରଂ ତଳକୁ ଖସି ପଡ଼ିଯାଉଥିଲା । ଚକ୍ଷୁ ଭିତରକୁ ପଶି ରହିଥିଲା ଏବଂ କପାଳ ପ୍ରଶସ୍ତ ଓ ଉଚ୍ଚ ଥିଲା ।

***(ତବକାତୁଲ୍ କୁବ୍‌ରା...... ଖଣ୍ଡ-୩, ପୃ-୧୪୦...... ବେରୁତ ୧୯୯୦)***

ସହି ବୁଖାରୀରେ ଅବ୍‌ଦୁଲ୍ଲାଃ ବିନ୍ ଉମର ବର୍ଣ୍ଣନା କରନ୍ତି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଲେ, ଯେଉଁ ବ୍ୟକ୍ତି ଗର୍ବଭାବ ପ୍ରଦର୍ଶନ କରି ନିଜର ବସ୍ତ୍ରକୁ ଘୋଷାଡ଼ି ଘୋଷାଡ଼ି ଚାଲିବ ଅଲ୍ଲାଃ ତାଲା ପ୍ରଳୟ ଦିବସ ଦିନ ତା ଆଡ଼କୁ ନଜର କରିବେନାହିଁ କି ତା ଆଡ଼କୁ ଚାହିଁବେ ନାହିଁ । ହଜରତ ଅବୁବକର ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ମୋର ବସ୍ତ୍ର ତ ସର୍ବଦା ଗୋଟିଏ ପାର୍ଶ୍ୱକୁ ଢ଼ଳି ଯାଉଛି ଅର୍ଥାତ ଢ଼ିଲା ହୋଇ ରହୁଛି ଯଦ୍ଦ୍ୱାରା ତାହା ତଳକୁ ଖସି ପଡୁଛି ତେଣୁ ମୁଁ ଏଥିପ୍ରତି ଆଦୌ ଧ୍ୟାନ ଦେଇପାରୁନାହିଁ । ହଜୁର ସ:ଆ:ସ କହିଲେ, ଆପଣ ତ ଗର୍ବ ଭାବ ପ୍ରଦର୍ଶନ କରି ଏପରି କରୁନାହାନ୍ତି । ***(ସହି ବୁଖାରୀ...... ହଦିସ୍ ନଂ-୩୬୬୫)*** ତେଣୁ ଆପଣଙ୍କ ପକ୍ଷେ ଏହା ବୈଧ ଅଟେ କିଛି କଥା ନାହିଁ ଆପଣ ସେହିପରି ପିନ୍ଧନ୍ତୁ ।

ହଜରତ ଅବୁବକର ର:ଅ ମେହେଦୀ ଓ କତମ୍ (କତମ୍ ଏକ ପ୍ରକାରର ଜଙ୍ଗଲ ଜାତୀୟ ଦ୍ରବ୍ୟ) ଯାହାର ହଜରତ ଅବୁବକର ର:ଅ ଲେପନ କରୁଥିଲେ, ନିଜ କେଶକୁ ରଙ୍ଗେଇବା ପାଇଁ ଅର୍ଥାତ ନିଜ କେଶକୁ କଳା ରଙ୍ଗ କରୁଥିଲେ ।

***(ସହି ମୁସ୍‌ଲିମ୍...... ରିୱାୟତ୍ ନଂ-୬୦୭୩)***

ଇସ୍‌ଲାମ୍ ଧର୍ମଗ୍ରହଣ କରିବା ପୂର୍ବରୁ ପ୍ରଥମେ ହଜରତ ଅବୁବକର ର:ଅଙ୍କ ବୃତି ଓ କୁରୈଶ୍ ସମ୍ପ୍ରଦାୟରେ ତାଙ୍କର ଯେଉଁ ମର୍ଯ୍ୟାଦା ଓ ଖ୍ୟାତି ରହିଥିଲା ତତ୍‌ସଂକ୍ରାନ୍ତରେ ତବ୍‌ରି ନାମକ ଏକ ଐତିହାସିକ ପୁସ୍ତକରେ ଉଲ୍ଲେଖ ରହିଛି ଯେ, ହଜରତ ଅବୁବକର ର:ଅ ନିଜ ସମ୍ପ୍ରଦାୟରେ ସମସ୍ତଙ୍କର ଅତି ପ୍ରିୟ ଓ ମାନ୍ୟବର ବ୍ୟକ୍ତି ଥିଲେ । ହଜରତ ଅବୁବକର ର:ଅ କୋମଳ ସ୍ୱଭାବ ସମ୍ପନ୍ନ ବ୍ୟକ୍ତି ଥିଲେ, କୁରୈଶମାନଙ୍କର ବଂଶ, ଉଚ୍ଚ କୁଳ, ସମ୍ଭ୍ରାନ୍ତ ବର୍ଗ ଓ ତାହାର ଭଲ ମନ୍ଦକୁ ଭଲ ଭାବରେ ସେ ଜାଣିଥିଲେ । ହଜରତ ଅବୁବକର ର:ଅ ଜଣେ ବ୍ୟବସାୟୀ ବ୍ୟକ୍ତି ଥିଲେ, ଉତମ ଚରିତ୍ର ଓ ଅନେକ ସୁଗୁଣାବଳୀ ଯୋଗୁଁ ଓ ପୂଣ୍ୟ କର୍ମ କରିବା ଯୋଗୁଁ ସେ ନିଜ ଗୋଷ୍ଠୀରେ ବେଶ୍ ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ । ଲୋକମାନେ ତାଙ୍କ ପ୍ରତି ବେଶ୍ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରୁଥିଲେ । ଗୋଷ୍ଠୀର ଲୋକମାନେ ଏକାଧିକ କାରଣରୁ ତାଙ୍କ ନିକଟକୁ ଆସୁଥିଲେ ଏବଂ ତାଙ୍କ ସହ ପରାମର୍ଶ କରୁଥିଲେ, ଆପଣ ର:ଅଙ୍କ ପ୍ରତି ପ୍ରେମଭାବ ପ୍ରଦର୍ଶନ କରୁଥିଲେ ।

***(ତାରିଖେ ତିବ୍‌ରି, ଖଣ୍ଡ-୧, ପୃ-୫୪୦-୫୪୧.....ବେରୁତ)***

ମୁହମ୍ମଦ ହୁସେନ୍ ହେିକଲ୍ ଉଲ୍ଲେଖ କରିଛନ୍ତି: ସମଗ୍ର କୁରୈଶ୍ ଜାତି ବ୍ୟବସାୟ ବାଣିଜ୍ୟ କରୁଥିଲେ ଏବଂ ଏହି କୁରୈଶ୍ ସମ୍ପ୍ରଦାୟର ପ୍ରତ୍ୟେକ ବ୍ୟକ୍ତି ଉକ୍ତ କର୍ମରେ ନିର୍ମଜିତ ରହୁଥିଲେ । ଅତଏବ ହଜରତ ଅବୁବକର ର:ଅ ମଧ୍ୟ ବଡ଼ ହୋଇ କପଡ଼ାର ବ୍ୟବସାୟ ଆରମ୍ଭ କରିଥିଲେ । ଉକ୍ତ ବ୍ୟାପାରେ ସେ ଅସାଧାରଣ ଉନ୍ନତି ଲାଭ କରିଥିଲେ ଏବଂ ସେ ମକ୍କାର ଜଣେ ସୁପ୍ରତିଷ୍ଠିତ ଓ ସଫଳ ବ୍ୟବସାୟୀ ରୁପେ ପରିଚିତ ହୋଇଥିଲେ । ନିଜର ସ୍ଥାନ ନିରୂପଣ କରିଥିଲେ । ବ୍ୟବସାୟୀକ ସଫଳତାରେ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଓ ଅନୁପମ ଚରିତ୍ରର ମଧ୍ୟ ଏକ ବିଶେଷ ପ୍ରକାର ଦଖଲ ରହିଥିଲା ।

***(ହଜରତ ଅବୁବକର ସିଦ୍ଦିକ୍ ର:ଅ ଅକ୍‌ବର୍....... ପୃ-୫୯......... ଲାହୋର୍ ୨୦୦୪)***

ରସୁଲେ କରିମ୍ ସ:ଆ:ସଙ୍କ ଆବିର୍ଭୂତ ସମୟରେ ହଜରତ ଅବୁବକର ର:ଅଙ୍କ ମୂଳଧନ ମୋଟ ଚାଳିଶି ହଜାର ଦିର୍‌ହମ୍ ଥିଲା । ଉକ୍ତ ଅର୍ଥରୁ ହଜରତ ଅବୁବକର ର:ଅ କ୍ରୀତଦାସମାନଙ୍କୁ ଆଜାଦ୍ ଅର୍ଥାତ ସ୍ୱାଧିନ କରୁଥିଲେ, ମୁସଲମାନମାନଙ୍କର ଭଲମନ୍ଦ ପଚାରି ବୁଝୁଥିଲେ ଓ ସେମାନଙ୍କର ସାହାଯ୍ୟ ସହଯୋଗ କରୁଥିଲେ । ଏପର୍ଯ୍ୟନ୍ତ କି ଆପଣ ଯେତେବେଳେ ମଦିନାକୁ ଗଲେ ସେତେବେଳେ ମଧ୍ୟ ତାଙ୍କ ନିକଟରେ ମାତ୍ର ପାଂଚହଜାର ଦିର୍‌ହମ୍ ଅବଶିଷ୍ଟ ରହିଯାଇଥିଲା ।

***(ଅଲ୍‌ଅସାବାଃ ଫି ତମିଜିସ୍ ସାହାବା, ଖଣ୍ଡ-୪, ପୃ-୧୪୮.......... ବେରୁତ ୨୦୦୫)***

ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ହଜରତ ଅବୁବକର ର:ଅଙ୍କର ଅନେକ ଘଟଣାବଳୀ ରହିଛି । ହଜରତ ଅବୁବକର ର:ଅ ନିଜର ଆର୍ଥିକ ଦୃଢ଼ତା ଯୋଗୁଁ ହିଁ କୁରୈଶ୍ ସମ୍ପ୍ରଦାୟରେ ଉଚ୍ଚ ମର୍ଯ୍ୟାଦାର ଅଧିକାରି ହୋଇପାରିଥିଲେ । ହଜରତ ଅବୁବକର ର:ଅ କୁରୈଶର ଧର୍ନାଢ଼୍ୟ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ । ସେମାନଙ୍କର ପରାମର୍ଶ ସଭାର ଅକ୍ଷ ଥିଲେ । ଆପଣ ର:ଅ ସର୍ବାଧିକ ପବିତ୍ର ସମ୍ପନ୍ନ ଓ ପୂଣ୍ୟବାନ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଜଣେ ଅଧିପତି, ଧର୍ନାଢ଼୍ୟ ଓ ମୈତ୍ରିକ ସମ୍ପର୍କ ରକ୍ଷାକାରୀ ବ୍ୟକ୍ତି ଥିଲେ । ପୂଣ୍ୟ ଅର୍ଜନ କରିବାରେ ଓ ଦିନଦରିଦ୍ରଙ୍କ ସେବା କରିବାରେ ବହୁଳ ମାତ୍ରାରେ ନିଜର ଅର୍ଥବ୍ୟୟ କରୁଥିଲେ । ଫଳତଃ ସେ ନିଜ ସମ୍ପ୍ରଦାୟରେ

ସମସ୍ତଙ୍କର ପ୍ରୀୟଭାଜନ ବ୍ୟକ୍ତି ପାଲଟି ଯାଇଥିଲେ । ସେ ଉତମ ସଭାର ଜଣେ ସଭ୍ୟ ଥିଲେ । ସେ ତାବିରୁର୍ ରୋୟାରେ ଅର୍ଥାତ ସ୍ୱପ୍ନର ବ୍ୟାଖ୍ୟା କରିବାରେ ତାଙ୍କର ଜ୍ଞାନ ବେଶ୍ ଅଧିକ ରହିଥିଲା । ଇଲ୍‌ମେ ତାବିରୁର୍ ରୋୟାର ବଡ଼ ଜ୍ଞାନୀ ଇବ୍‌ନେ ସିରିନ୍ କୁହନ୍ତି ନବୀ କରିମ୍ ସ:ଆ:ସଙ୍କ ପରେ ହଜରତ ଅବୁବକର ର:ଅ ଉକ୍ତ ସମ୍ପ୍ରଦାୟର ସବୁଠୁ ତାବିରୁର୍ ରୋୟାର ଆଲିମ୍ (ଅର୍ଥାତ ସ୍ୱପ୍ନଫଳକ ବିଦ୍ୱାନ ବ୍ୟକ୍ତି) ଥିଲେ । ହଜରତ ଅବୁବକର ର:ଅ ଆରବୀୟମାନଙ୍କର ବଂଶ ପରମ୍ପରା ସମ୍ପର୍କରେ ସବୁଠାରୁ ଅଧିକା ଜ୍ଞାନ ରଖିଥିବା ଜଣେ ବିଜ୍ଞ ବ୍ୟକ୍ତି ଥିଲେ ।

ଜୁବୈର୍ ବିନ୍ ମୁତମ୍ ଯିଏ କି ଉକ୍ତ ବିଦ୍ୟାରେ ଅର୍ଥାତ ବଂଶ ପରମ୍ପରାରେ ପାରଙ୍ଗମ ତଥା ସିଦ୍ଧହସ୍ତ ଥିଲେ, ସେ କୁହନ୍ତି ମୁଁ ବଂଶ ପରମ୍ପରା ସମ୍ବନ୍ଧିୟ ଜ୍ଞାନ ହଜରତ ଅବୁବକର ର:ଅଙ୍କ ଠାରୁ ହିଁ ଶିକ୍ଷା କରିଛି । ବିଶେଷ କରି କୁରୈଶ୍‌ମାନଙ୍କର ବଂଶାବଳୀ ଏବଂ ବଂଶ ସମ୍ବନ୍ଧୀୟ ବିଷୟବସ୍ତୁ କାରଣ ହଜରତ ଅବୁବକର ର:ଅ ହିଁ କୁରୈଶ୍‌ମାନଙ୍କର ବଂଶ ପରମ୍ପରାର ଭଲମନ୍ଦ ସମ୍ପର୍କରେ ସର୍ବାଧିକ ଜ୍ଞାନ ରଖିଥିବା ଜ୍ଞାନୀ ବ୍ୟକ୍ତି ଥିଲେ । ହଜରତ ଅବୁବକର ର:ଅ ସେମାନଙ୍କ ମନ୍ଦ ଚର୍ଚ୍ଚା କରୁନଥିଲେ, ସେହି କାରଣରୁ ହଜରତ ଅବୁ ବକର ର:ଅ ହଜରତ ଅକିଲ୍ ବିନ୍ ଅବୁ ତାଲିବ୍‌ଙ୍କ ତୁଳନାରେ ଅଧିକ ଲୋକପ୍ରୀୟ ବ୍ୟକ୍ତି ଥିଲେ । ହଜରତ ଅକିଲ୍ ହଜରତ ଅବୁବକର ର:ଅଙ୍କ ପରେ କୁରୈଶ୍‌ର ବଂଶ ପରମ୍ପରା ଓ ସେମାନଙ୍କର ପୂର୍ବ ପୁରୁଷଙ୍କର ଭଲମନ୍ଦ ଇତ୍ୟାଦି କାର୍ଯ୍ୟ ସମ୍ପର୍କରେ ସର୍ବାଧିକ ବିଜ୍ଞ ବ୍ୟକ୍ତି ଥିଲେ କିନ୍ତୁ ଅକିଲ୍ କୁରୈଶ୍‌ମାନଙ୍କୁ ପସନ୍ଦ ନଥିଲେ କାରଣ ସେ କୁରୈଶ୍‌ମାନଙ୍କର ଅବଗୁଣର ଚର୍ଚ୍ଚା କରୁଥିଲେ । ସେ ମସ୍‌ଜିଦେ ନବୱି ଠାରେ ଆରବୀୟମାନଙ୍କର ଘଟଣାବଳୀ ଓ ସ୍ଥିତାବସ୍ଥା ସମ୍ପର୍କରେ ଜ୍ଞାନ ପ୍ରାପ୍ତ କରିବା ସକାଶେ ହଜରତ ଅବୁବକର ର:ଅଙ୍କ ନିକଟରେ ବସୁଥିଲେ । ମକ୍କାବାସୀଙ୍କ ନିକଟରେ ହଜରତ ଅବୁବକର ର:ଅ ଉତ୍କୃଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ସର୍ବୋତ୍କୃଷ୍ଟ ଜନାଦୃତ ବ୍ୟକ୍ତି ଭାବରେ ଅନ୍ୟତମ ଥିଲେ । ସୁତରାଂ ଯେତେବେଳେ କୁରୈଶ୍‌ମାନେ କୌଣସି ସମସ୍ୟାର ସମ୍ମୁଖିନ ହେଉଥିଲେ ସେତେବେଳେ ସେମାନେ ହଜରତ ଅବୁବକର ର:ଅଙ୍କ ନିକଟକୁ ଆସୁଥିଲେ ଏବଂ ତାଙ୍କଠାରୁ ପରାମର୍ଶ ଲୋଡୁଥିଲେ ।

*(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୧, ପୃ-୩୯୦....... ବେରୁତ ୨୦୦୨)*

ମକ୍କାରେ ବାସ କରୁଥିବା ସମସ୍ତ କବିଲାଗୁଡ଼ିକୁ ଅର୍ଥାତ ସମ୍ପ୍ରଦାୟକୁ କାବାର ପଦବୀ ଦୃଷ୍ଟିରୁ କୌଣସି ନା କୌଣସି ପଦବୀ ପ୍ରାପ୍ତ ହୋଇଥିଲା ଏବଂ କୌଣସି ନା କୌଣସି ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ରହିଥିଲା । ବନୁ ଅବ୍‌ଦେ ମୁନାଫ୍‌ଙ୍କ ଉପରେ ହଜ୍ ତୀର୍ଥକାରୀଙ୍କ ପାଇଁ ଜଳ ଯୋଗାଣ ଓ ହଜ୍ ତୀର୍ଥଯାତ୍ରୀଙ୍କୁ ବିଭିନ୍ନ ପ୍ରକାରର ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦେବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ବନୁ ଅବ୍‌ଦେ ଦାରଙ୍କ ଉପରେ ଯୁଦ୍ଧ ସମୟରେ ଧ୍ୱଜାଧାରୀ, କାବାର ସୁରକ୍ଷା ଓ ଦାରୁଲ୍ ନଦୱାର ଦାୟିତ୍ୱ ନ୍ୟସ୍ତ ରହିଥିଲା । ସୈନ୍ୟଦଳର ସେନାପତିତ୍ୱ ହଜରତ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ସମ୍ପ୍ରଦାୟ ବନୁ ମଖ୍‌ଜୁମ୍ ଭାଗରେ ପଡ଼ିଥିଲା । ରକ୍ତପାତର କ୍ଷତିପୂରଣ ଏବଂ ଦିୟତ୍ ଅର୍ଥାତ ଏ ସମ୍ବନ୍ଧରେ ପ୍ରାପ୍ତ ହେଉଥିବା ଜୋରିମନା ଏକତ୍ରିତ କରିବାର ଦାୟିତ୍ୱ ହଜରତ ଅବୁବକର ର:ଅଙ୍କ ସମ୍ପ୍ରଦାୟ ବନୁ ତୟମ୍ ବିନ୍ ମୁର୍‌ରାଙ୍କ ଉପରେ ନ୍ୟସ୍ତ ରହିଥିଲା । ହଜରତ ଅବୁବକର ର:ଅ ଯେତେବେଳେ ଯୁବାବସ୍ଥାରେ ଉପନୀତ ହେଲେ ସେତେବେଳେ ଉକ୍ତ ଦାୟିତ୍ୱଟି ଆପଣ ର:ଅଙ୍କ ଉପରେ ନ୍ୟସ୍ତ କରାଗଲା ।

*(ହଜରତ ଅବୁବକର ସିଦ୍ଦିକ୍ ର:ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍, ପୃ-୫୯)*

ହଜରତ ଅବୁବକର ର:ଅ ଯେତେବେଳେ କୌଣସି ଦିୟତ୍ ଅର୍ଥାତ କ୍ଷତିପୂରଣ ବାବଦରେ ବିଚାର କରୁଥିଲେ ସେତେବେଳେ କୁରୈଶ୍‌ମାନେ ଆପଣ ର:ଅଙ୍କର ସମର୍ଥନ କରୁଥିଲେ । ଆପଣଙ୍କର ବିଚାରିତ ଦିୟତ୍ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ହଜରତ ଅବୁବକର ର:ଅଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତି ଯଦି ଦିୟତ୍ ପ୍ରସଙ୍ଗରେ ନିଷ୍ପତି କରୁଥିଲେ ତେବେ ସେ ପରିପ୍ରେକ୍ଷୀରେ କୁରୈଶ୍‌ମାନେ ଉକ୍ତ ବ୍ୟକ୍ତିଙ୍କୁ ଛାଡ଼ି ଦେଉଥିଲେ ଏବଂ ତା'ର ସମର୍ଥନ କରୁନଥିଲେ ।

*(ଉସଦୁଲ୍ ଗାବାଃ.......ଖଣ୍ଡ-୩, ପୃ-୩୧୧....... ଲେବ୍‌ନାନ୍ ୨୦୦୮)*

ହିଲ୍‌ଫୁଲ୍ ଫୁଜୁଲରେ ହଜରତ ଅବୁବକର ର:ଅଙ୍କର ମଧ୍ୟ ନାମ ସାମିଲ ରହିଛି । ଏହା ହେଉଛି ସେହି ବିଶେଷ ଚୁକ୍ତି ଯେଉଁ ଚୁକ୍ତିରେ ଦରିଦ୍ରମାନଙ୍କୁ ସାହାଯ୍ୟ ଓ ନିଷ୍ପେଷିତମାନଙ୍କୁ ସାହାଯ୍ୟ କରିବା ପ୍ରତି ଅଙ୍ଗୀକୃତ ହୋଇଥିବା ଚୁକ୍ତି ଅଟେ । ପୁରାତନ ଯୁଗରେ ଆରବରେ କେତେକ ସମ୍ମାନୀତ ହୃଦୟ ବ୍ୟକ୍ତିଙ୍କୁ ଏହି ଚିନ୍ତା ଗ୍ରାସ କଲା ଯେ ପାରସ୍ପରିକ ଓ ମିଳିତ ଉଦ୍ୟମରେ ଏକ ଚୁକ୍ତି ସ୍ୱାକ୍ଷାରିତ କରାଯାଉ ଯହିଁରେ ଆମେମାନେ ସର୍ବଦା ପ୍ରକୃତ ହିତାଧିକାରୀକୁ ତା'ର ଅଧିକାର ପ୍ରଦାନ କରିବା । ତାହାର ସାହାଯ୍ୟ ସହଯୋଗ କରିବା । ଅତ୍ୟାଚାରିତକୁ ଅତ୍ୟାଚାର କବଳରୁ ରକ୍ଷା କରିବା, ଅତ୍ୟାଚାରର ହାତକୁ ରୋକିବା । ଉକ୍ତ ପ୍ରସ୍ତାବର ଆବାହକ ଏଭଳି ବ୍ୟକ୍ତି ଥିଲେ ଯାହାଙ୍କ ନାମରେ ଫଜଲ୍ ଯୋଡ଼ା ଯୋଇଥିଲା । ତେଣୁ ଉକ୍ତ ଚୁକ୍ତିର ନାମ ହିଲ୍‌ଫୁଲ୍ ଫୁଜୁଲ୍ ରଖାଗଲା । ଏହି ନାମରେ ତାହା ପ୍ରଶିଦ୍ଧ ହେଲା । ସେ ଯାହା ହେଉ ନା କାହିଁକି ଫୁଜାର ଯୁଦ୍ଧ ପରେ, ପ୍ରାୟତଃ ଯେଉଁ ଯୁଦ୍ଧରୁ ପ୍ରଭାବିତ ହୋଇ ହଜୁର ସ:ଆ:ସଙ୍କ ଚଚା ଜୁବୈର୍ ବିନ୍ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ମନରେ ଏହି କଥା ଉଙ୍କି ମାରିଲା ଯେ, ଉକ୍ତ ହଲ୍‌ଫ ଅର୍ଥାତ ଶପଥକୁ ପୁନଃ କାର୍ଯ୍ୟକ୍ରମ କରାଯାଉ ଅତଏବ ଉକ୍ତ ଆହ୍ୱାନକୁ ଭିତି କରି କୁରୈଶ୍‌ର କେତେକ ସମ୍ପ୍ରଦାୟର ପ୍ରତିନିଧିମାନେ ଅବ୍‌ଦୁଲ୍ଲାଃ ବିନ୍ ଜୁଦ୍‌ଆନ୍‌ଙ୍କ ବାସଭବନରେ ଏକତ୍ରିତ ହେଲେ । ସେଠାରେ ଅବ୍‌ଦୁଲ୍ଲାଃ ବିନ୍ ଜୁଦ୍‌ଆନ୍‌ଙ୍କ ପକ୍ଷରୁ ଏକ ଭୋଜିର ମଧ୍ୟ ଆୟୋଜନ କରାଯାଇଥିଲା । ପୁନଶ୍ଚ ସର୍ବସମ୍ମତି କ୍ରମେ ସମସ୍ତେ ଏହି ଶପଥ ନେଲେ ଯେ, ଆମେମାନେ ସର୍ବଦା ଅତ୍ୟାଚାରକୁ ରୋକିବୁ, ନିଷ୍ପେସିତ ମାନଙ୍କୁ ସାହାଯ୍ୟ କରିବୁ । ଉକ୍ତ ଶପଥର ଅଂଶଗ୍ରହଣ କାରୀଙ୍କ ମଧ୍ୟରେ ବନୁ ହାଶିମ୍, ବନୁ ମୁତ୍‌ଲିବ, ବନୁ ଅସଦ୍, ବନୁ ଜୋହ୍‌ରା,ବନୁ ତୟମ ଅନ୍ତର୍ଭୁକ୍ତ ଥିଲେ । ହଜୁର ସ:ଆ:ସ ମଧ୍ୟ ସେହି ଅବସରରେ ଉପସ୍ଥିତ ଥିଲେ ଓ ଶପଥରେ ସାମିଲ ଥିଲେ । ଅତଏବ ଏକଦା ହଜୁର ସ:ଆ:ସ ନବୁଓ୍ୱତ୍ ଅର୍ଥାତ ଅବତାରତ୍ୱ କାଳରେ ଅବ୍‌ଦୁଲ୍ଲାଃ ବିନ୍ ଜୁଦ୍‌ଆନ୍‌ଙ୍କ ବାସଭାବନରେ ଅନୁଷ୍ଠିତ ହୋଇଥିବା ଶପଥ ଅଧିବେଶନରେ ଯୋଗ ଦେଇଥିବାର ଚର୍ଚ୍ଚା କରି କୁହନ୍ତି: ମୁଁ ଅବ୍‌ଦୁଲ୍ଲାଃ ବିନ୍ ଜୁଦ୍‌ଆନ୍‌ଙ୍କ ବାସଭବନରେ ଅନୁଷ୍ଠିତ ଏଭଳି ଏକ ସଭାରେ ସାମିଲ ହୋଇଥିଲି ଯେ ମତେ ଯଦି ଆଜି କେହି ଇସ୍‌ଲାମ୍ ଯୁଗରେ ଏହି ଦିଗ ଆଡ଼କୁ ଆମନ୍ତ୍ରିତ କରିଥାନ୍ତା ତାହେଲେ ମୁଁ ତାକୁ ଅବଶ୍ୟ ସମର୍ଥନ ଜଣାଇଥାନ୍ତି" ।

*(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୧୦୪-୧୦୫)*

ହଜରତ ଅବୁବକର ର:ଅଙ୍କ ହିଲ୍‌ଫୁଲ୍ ଫୁଜୁଲ୍‌ର ଶପଥ ସମାରୋହରେ ଅଂଶ ଗ୍ରହଣ କରିବା ପ୍ରସଙ୍ଗରେ ଚର୍ଚ୍ଚା କରି ଜଣେ ଲେଖକ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ସମ୍ମିଳନୀରେ ହଜୁର ସ:ଆ:ସ ମଧ୍ୟ ସାମିଲ ଥିଲେ ଏବଂ ଆପଣ ଅର୍ଥାତ ହଜୁର ସ:ଆ:ସଙ୍କ ସହିତ ହଜରତ ଅବୁବକର ର:ଅ ଏବଂ ହଜରତ ଅବୁବକର ସିଦ୍ଦିକ୍ ର:ଅ ମଧ୍ୟ ସାମିଲ ଥିଲେ ।

*(ସୟଦନା ସିଦ୍ଦିକ୍ ଅକ୍‌ବର୍....... ପୃ-୧୯ ଲାହୋର୍)*

ନବୀ ରୂପେ ଆବିର୍ଭୂତ ହେବା ପୂର୍ବରୁ ରସୁଲେ କରିମ୍ ସ:ଆ:ସଙ୍କ ସମ୍ପର୍କ ଏବଂ ମିତ୍ରତାର ଅବସ୍ଥା ସମ୍ପର୍କରେ ବର୍ଣ୍ଣନା ରହିଛି । ଇବ୍‌ନେ ଇସ୍‌ହାକ୍ ଏବଂ ତାଙ୍କ ବ୍ୟତିତ ଅନ୍ୟ କେତେକ ବ୍ୟକ୍ତି ବର୍ଣ୍ଣନା କରନ୍ତି: ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନବୀ ରୂପେ ଆବିର୍ଭାବ ହେବା ପୂର୍ବରୁ ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନିଷ୍ଠା, ବିଶ୍ୱସ୍ତତା, ପୂଣ୍ୟ ସ୍ୱଭାବ, ଉତମ ଚରିତ୍ରବର୍ତା ସହିତ ଭଲ ଭାବରେ ପରିଚିତ ଥିଲେ । ଅନ୍ୟ ଏକ ବର୍ଣ୍ଣନାରେ ଚର୍ଚ୍ଚା ରହିଛି ଯେ ଅଶିକ୍ଷିତ କାଳରେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କର ବନ୍ଧୁ ଥିଲେ ।

*(ଅଲ୍‌ବିଦାୟତୁନ୍ ନହାୟା, ଖଣ୍ଡ-୨, ଭାଗ-୧, ପୃ-୨୯,୩୨ ..... ୨୦୦୧)*

ସିରତ୍ ସାହାବାରେ ଉଲ୍ଲେଖ ରହିଛି ଯେ, ବାଲ୍ୟକାଳରୁ ହିଁ ହଜୁର ସ:ଆ:ସଙ୍କର ହଜରତ ଅବୁବକର ର:ଅଙ୍କ ସହିତ ସମ୍ପର୍କ ପ୍ରେମଭାବ ଓ ନିଷ୍ଠାପୂର୍ଣ୍ଣ ଭାବର ସମ୍ପର୍କ ରହିଥିଲା । ହଜୁର ସ:ଆ:ସ ବନ୍ଧୁ ପରିଜନଙ୍କ ମଣ୍ଡଳିରେ ବ୍ୟବସାୟୀ ତଥା ଯାତ୍ରାରେ ହଜରତ ଅବୁବକର ର:ଅଙ୍କୁ ସାମିଲ ରଖୁଥିଲେ ।

*(ସିରତ୍ ସାହାବା, ଖଣ୍ଡ-୧, ଭାଗ-୧, ପୃ-୫୬)*

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନବୀ ରୂପେ ଆର୍ବିଭୁତ ହେବା ପୂର୍ବରୁ ହଜୁର ସ:ଆ:ସଙ୍କ ସାଙ୍ଗସାଥି ଓ ମିତ୍ରମାନଙ୍କ ସମ୍ପର୍କରେ ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି: ଅବତାରତ୍ୱ ପୂର୍ବରୁ ହଜୁର ସ:ଆ:ସଙ୍କ ବନ୍ଧୁତ୍ୱର ପରିଧି ଅତ୍ୟନ୍ତ ସୀମିତ ଥିବା ପରି ଦୃଶ୍ୟମାନ ହୁଏ । ପ୍ରକୃତରେ ପ୍ରାରମ୍ଭରେ ହିଁ ହଜୁର ସ:ଆ:ସଙ୍କ ସ୍ୱଭାବ ଏକାନ୍ତକୁ ପସନ୍ଦ

କରୁଥିଲା । ଆପଣ ସ:ଆ:ସ ନିଜ ଜୀବନର ଯେ କୌଣସି ଭାଗରେ ମଧ ମକ୍କାର ସାଧାରଣ ସମାଜରେ ଅଧିକ ମିଳାମିଶା କରୁନଥିଲେ କିନ୍ତୁ କେତେକ ଲୋକମାନଙ୍କ ସହିତ ଆପଣଙ୍କର ମିତ୍ରତାପୂର୍ଣ୍ଣ ସମ୍ପର୍କ ରହିଥିଲା ତନ୍ମଧ୍ୟରେ ସଭା ଆଗରେ ଯେଉଁ ବନ୍ଧୁଥିଲେ ସେ ହଜରତ ଅବୁବକର ର:ଅ ଥିଲେ ଓ ହଜରତ ଅବୁବକର ର:ଅଙ୍କୁ କୁରେଶ୍ର ଜଣେ ଉଚ୍ଚ ବଂଶୀୟ ବ୍ୟକ୍ତି ଥିଲେ, ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଥିଲେ, ସଦାଚାରୀ, ଚରିତ୍ରବାନ୍ ଓ ପୂଣ୍ୟବାନ ବ୍ୟକ୍ତି ଯାହାଙ୍କର ସମ୍ମାନ ଓ ମର୍ଯ୍ୟାଦା ବେଶ୍ ଉଚ୍ଚସ୍ତରରେ ରହିଥିଲା । ଦ୍ୱିତୀୟ ଶ୍ରେଣୀରେ ହକିମ୍ ବିନ୍ ହଜାମ୍ ଥିଲେ, ସେ ହଜରତ ଖଦିଜା ର:ଅଙ୍କ ପୁତୁରା ଥିଲା, ସେ ମଧ୍ୟ ଜଣେ ପୂଣ୍ୟ ସ୍ୱଭାବର ବ୍ୟକ୍ତି ଥିଲେ, ପ୍ରାରମ୍ଭିକ ପ୍ରଯ୍ୟାୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନଥିଲେ କିନ୍ତୁ ଉକ୍ତ ଅବସ୍ଥାରେ ମଧ ହଜୁର ସ:ଆ:ସଙ୍କ ସହିତ ପ୍ରେମ ଓ ନିଷ୍ଠାପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଥିଲେ କିନ୍ତୁ ଶେଷରେ ତାଙ୍କର ପୂଣ୍ୟ ସ୍ୱଭାବ ତାଙ୍କୁ ଇସ୍‌ଲାମ ଆଡ଼କୁ ଆକର୍ଷିତ କରି ଆଣିଥିଲା । ପୁନଶ୍ଚ ସେହିପରି ଜୈଦ୍ ବିନ୍ ଉମ୍‌ରୋଙ୍କ ସହିତ ହଜୁର ସ:ଆ:ସଙ୍କ ସୁସମ୍ପର୍କ ରହିଥିଲା, ଜୈଦ୍ ବିନ୍ ଉମ୍‌ରୋ ହଜରତ ଉମର ର:ଅଙ୍କ ନିକଟ ସମ୍ପର୍କୀୟ ଥିଲେ, ସେ ସେହି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଅଶିକ୍ଷିତ କାଳରେ ହିଁ ସିର୍କକୁ ଅର୍ଥାତ ଅନେକେଶ୍ୱରବାଦକୁ ପରିତ୍ୟାଗ କରିଦେଇଥିଲେ ଏବଂ ନିଜକୁ ଇବ୍ରାହିମିୟ ଧର୍ମାଲମ୍ବୀ ବୋଲି ଦର୍ଶାଉଥିଲେ । କିନ୍ତୁ ଇସ୍‌ଲାମ୍ ଧର୍ମର ଆଗମନ ପୂର୍ବରୁ ହିଁ ସେ ମୃତ୍ୟୁବରଣ କରିଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୧୧୪)***

ସେ ଯାହା ହେଉ ନା କାହିଁକି, ହଜରତ ଅବୁବକର ର:ଅ ହିଁ ପ୍ରଥମ ବ୍ୟକ୍ତି ଥିଲେ ଯାହାଙ୍କ ସହିତ ହଜୁର ସ:ଆ:ସଙ୍କର ମୈତ୍ରିକ ସମ୍ପର୍କ ବେଶ୍ ସୁଦୃଢ଼ ରହିଥିଲା । ଅଶିକ୍ଷିତ ଯୁଗରେ ହଜରତ ଅବୁବକର ର:ଅ ଶିର୍କକୁ ଘୃଣା କରୁଥିଲେ ଏବଂ ତହିଁରୁ ସେ ସର୍ବଦା ନିବୃତ ରହୁଥିଲେ ।

ଅଶିକ୍ଷିତ ଯୁଗରେ ହଜରତ ଅବୁବକର ର:ଅ ନା ଶିର୍କ କରୁଥିଲେ ନା କୌଣସି ପିତୁଳା ଆଗରେ ନତମସ୍ତକ ହେଉଥିଲେ । ସୁତରାଂ ସିରତ୍ ହଲ୍‌ବିୟାରେ ଉଲ୍ଲେଖ ରହିଛି ନିଃସନ୍ଦେହ ରୂପେ ହଜରତ ଅବୁବକର ର:ଅ କେବେ ବି କୌଣସି ମୂର୍ତ୍ତୀ ଆଗରେ ନତମସ୍ତକ ହୋଇନାହାନ୍ତି । ଅଲାମା ଇବ୍‌ନେ ଜୁଜି ହଜରତ ଅବୁବକର ର:ଅଙ୍କୁ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି ଯିଏ ଅଶିକ୍ଷିତ କାଳରେ ପିତୁଳା ପୂଜା କରିବାରୁ ସମ୍ପୂର୍ଣ୍ଣ ରୂପେ ଅମନଯୋଗ ଓ ଅସମ୍ମତି ପ୍ରକାଶ କରିଥିଲେ । ଅର୍ଥାତ ହଜରତ ଅବୁବକର ର:ଅ କଦାପି ପ୍ରତିମା ନିକଟରେ ଯାଇ ମୁଣ୍ଡ ନୁଆଇଁ ନଥିଲେ ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୧, ପୃ-୩୮୪-୩୮୫....... ବେରୁତ ୨୦୦୨)***

ଅଶିକ୍ଷିତ ଯୁଗରେ ହଜରତ ଅବୁ ବକର ର:ଅ କଦାପି ମଦ୍ୟପାନ କରିନାହାନ୍ତି, ମଦ୍ୟପାନ କରିବାକୁ ସେ ଘୃଣା କରୁଥିଲେ । ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି: ହଜରତ ଅବୁବକର ର:ଅ ଅଶିକ୍ଷିତ ଯୁଗରେ ମଦ୍ୟପାନକୁ ନିଜ ପାଇଁ ଅବୈଧ ବୋଲି ମଣି ନେଇଥିଲେ । ହଜରତ ଅବୁବକର ର:ଅ ଅଶିକ୍ଷିତ ଯୁଗରେ କେବେ ବି ମଦ୍ୟପାନ କରିନଥିଲେ ସେହିପରି ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ପରେ କେବେ ବି ମଦ୍ୟପାନ କରିନଥିଲେ ।

***(କନଜୁଲ୍ ଅମାଲ, ଖଣ୍ଡ-୧୨, ପୃ-୪୯୦..... ହଦିସ୍-୩୫୬୦୯......୧୯୮୫)***

ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲେ କରିମ୍ ସ:ଆ:ସଙ୍କ ସାହାବାମାନଙ୍କ ଗହଣରେ ହଜରତ ଅବୁବକର ର:ଅଙ୍କୁ ଯେତେବେଳେ ପଚରାଗଲା ଯେ, ହେ ଅବୁବକର ! କ'ଣ ଆପଣ ଅଶିକ୍ଷିତ ଯୁଗରେ କେବେ ମଦ୍ୟପାନ କରିଛନ୍ତି ? ପ୍ରତ୍ୟୁତରରେ ହଜରତ ଅବୁବକର ର:ଅ କହିଲେ, ନଉଜୁବିଲ୍ଲାଃ ଅର୍ଥାତ ମୁଁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛି । ପୁନଶ୍ଚ ଆପଣଙ୍କୁ ପ୍ରଶ୍ନ କରାଗଲା ଏହାର କ'ଣ କାରଣ ? ହଜରତ ଅବୁବକର ର:ଅ ଉତର ଦେଲେ ମୁ ନିଜର ଆତ୍ମସମ୍ମାନକୁ ସର୍ବଦା ରକ୍ଷା କରୁଥିଲି ଏବଂ ନିଜ ପବିତ୍ରତାକୁ ସୁରକ୍ଷା ଦେଉଥିଲି କାରଣ ଯେଉଁ ବ୍ୟକ୍ତି ମଦ୍ୟପାନ କରେ ସେ ନିଜର ଆତ୍ମସମ୍ମାନ ଓ ନିଜର ପବିତ୍ରତାକୁ ନଷ୍ଟ କରିଦେଇଥାଏ । ବର୍ଣ୍ଣନାକାରୀ କୁହନ୍ତି: ହଜୁର ସ:ଆ:ସଙ୍କ ନିକଟରେ ଯେତେବେଳେ ଉକ୍ତ କଥାଟି ପହଂଚିଲା ସେତେବେଳେ ଆପଣ ସ:ଆ:ସ କହିଲେ, ସଦକା ଅବୁବକ୍‌ରିନ୍ ସଦ୍‌କା ଅବୁବକ୍‌ରିନ୍ ଅର୍ଥାତ ହଜରତ ଅବୁବକର ର:ଅ ସତ୍ୟ କହିଛନ୍ତି । ଏହି କଥା ଆପଣ ଦୁଇଥର ପୁନରାବୃତି କରିଥିଲେ ।

***(ତାରିଖୁଲ୍ ଖୋଲଫାଆ ଲିସ୍‌ସିୟୁଟି, ପୃ-୩୦........ ବେରୁତ ୧୯୯୯)***

ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସମ୍ପର୍କରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି, କେତେକ ବର୍ଣ୍ଣନା ବିସ୍ତୃତମୂଳକ ଥିବା ବେଳେ ଆଉ କେତେକ ବର୍ଣ୍ଣନା ସଂକ୍ଷିପ୍ତ ରୂପେ ଉଲ୍ଲେଖ ରହିଛି । ସେ ଯାହା ହେଉ ନା କାହିଁକି ମୁଁ ଏଠାରେ କେତେକ ବର୍ଣ୍ଣନା ଆଲୋଚନା କରିଦେଉଛି ।

ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି: ଯେବେଠୁ ମୁଁ ବୁଦ୍ଧି ଓ ଚେତନା ପ୍ରାପ୍ତ କରିଛି ସେବେଠାରୁ ମୁଁ ମୋର ଅଭିଭାବକମାନଙ୍କୁ ଏହି ଧର୍ମରେ ଅର୍ଥାତ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବାର ଦେଖିଛି । ଆମ ଉପରେ ଏଭଳି କୌଣସି ଏକ ଦିନ ବିତିନାହିଁ ଯେଉଁ ଦିନ ହଜୁର ସ:ଆ:ସ ଆମ ନିକଟରେ ସକାଳେ ଅବା ସଂନ୍ଧ୍ୟା ସମୟରେ ଆସିନଥିବେ ।

***(ସହି ବୁଖାରୀ.... ହଦିସ୍-୨୨୯୭)***

ହଜରତ ଅବୁବକର ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସମ୍ପର୍କରେ ଆହୁରି ଅନେକ ବର୍ଣ୍ଣନା ଉଲ୍ଲେଖ ରହିଛି, ଶରାହ୍ ଜର୍‌କାନୀରେ ହଜରତ ଅବୁବକର ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ବର୍ଣ୍ଣିତ ରହିଛି ଯେ ଦିନେ ହଜରତ ଅବୁବକର ର:ଅ ହକିମ୍ ବିନ୍ ହିଜାମ୍‌ଙ୍କ ଘରେ ବସି ଥିଲେ ସେତେବେଳେ ତାଙ୍କ ନିକଟକୁ ହକିମ୍ ବିନ୍ ହିଜାମ୍‌ଙ୍କ ଦାସୀ ଆସିଲେ ଏବଂ କହିଲେ ଆପଣଙ୍କ ପିଉସୀ ହଜରତ ଖଡିଜା ର:ଅ କହୁଛନ୍ତି ଯେ ତାଙ୍କର ସ୍ୱାମୀ (ଅର୍ଥାତ ମୁହମ୍ମଦ ସ:ଆ:ସ)ଙ୍କୁ ଜୁଆଡ଼େ ହଜରତ ମୁସାଙ୍କ ପରି ନବୀ ରୂପେ ପ୍ରେରଣ କରାଯାଇଅଛି । ଏହା ଶୁଣି ହଜରତ ଅବୁବକର ର:ଅ ସେଠାରୁ ଧିର ସ୍ଥିର ଭାବରେ ବାହାରି ଚାଲିଗଲେ । ଏପରି କି ଆପଣ ର:ଅ ହଜୁର ସ:ଆ:ସଙ୍କ ନିକଟରେ ପହଂଚି ଗଲେ ଏବଂ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ । (ଅର୍ଥାତ କୌଣସି ପ୍ରକାର ପ୍ରଶ୍ନ କରିବା ପରିବର୍ତେ ଆପଣ ହଜୁର ସ:ଆ:ସଙ୍କ ହାତରେ ବୟତ କରିନେଲେ)

***(ଶରହ୍ ଜର୍‌କାନୀ........ ଖଣ୍ଡ-୧, ପୃ-୪୪୭-୪୪୮...... ବେରୁତ ୧୯୯୬)***

ସିରତ୍ ଇବ୍‌ନେ ହୁଶାମ୍ ଶରହ୍ ରୌଜୁଲ୍ ଉନୁଫ୍‌ରେ ହଜରତ ଅବୁବକର ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ଏପରି ବର୍ଣ୍ଣିତ ରହିଛି ଯେ ନବୀ କରିମ୍ ସ:ଆ:ସଙ୍କ ଆଗମନ ପୂର୍ବରୁ ହଜରତ ଅବୁବକର ର:ଅ ଏକ ସ୍ୱପ୍ନ ଦେଖିଥିଲେ ଯେ, ଚନ୍ଦ୍ର ମକ୍କା ଭୂମିରେ ଅବତୀର୍ଣ୍ଣ ହୋଇଛି । ସେ ଆହୁରି ଦେଖିଲେ ଯେ ଉକ୍ତ ଚନ୍ଦ୍ରଟି ଖଣ୍ଡବିଖଣ୍ଡିତ ହୋଇ ମକ୍କାର ସମସ୍ତ ସ୍ଥାନରେ ଏବଂ ଘରମାନଙ୍କରେ ବିଛୁରିତ ହୋଇଯାଇଛି ପୁଣି ଏପରି ଲାଗୁଛି ସତେ ଯେପରି ସେହି ଚନ୍ଦ୍ରଟିକୁ ହଜରତ ଅବୁବକର ର:ଅଙ୍କ କୋଳରେ ଏକତ୍ରିତ କରିଦିଆଯାଇଛି ଅର୍ଥାତ ସେହି ଖଣ୍ଡବିଖଣ୍ଡିତ ଚନ୍ଦ୍ରକୁ ଆପଣଙ୍କ କୋଳରେ ଏକତ୍ରିତ କରିଦିଆଯାଉଛି । ହଜରତ ଅବୁବକର ର:ଅ ଅନ୍ୟ କେତେକ ଧର୍ମାଲମ୍ବୀ ବିଦ୍ୱାନମାନଙ୍କ ଆଗରେ ସ୍ୱପ୍ନ ସମ୍ପର୍କରେ ଯେତେବେଳେ ଆଲୋଚନା କଲେ ସେତେବେଳେ ସେହି ବିଦ୍ୱାନମାନେ ତାହାର ବ୍ୟାଖ୍ୟା ଏପରି କଲେ ଯେ ସେହି ନବୀ ଯାହାଙ୍କର ପ୍ରତିକ୍ଷା କରାଯାଇଛି ତାଙ୍କର ଆଗମନ ସମୟ ଆସିଯାଇଛି ଏବଂ ଆପଣ ସେହି ନବୀଙ୍କର ଅନୁସରଣ କରିବେ ଏବଂ ଏଥିପାଇଁ ଆପଣ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପୂଣ୍ୟବାନ ବ୍ୟକ୍ତି ରୂପେ ବିବେଚିତ ହେବେ । ପୁନଶ୍ଚ ଏହାପରେ ହଜୁର ସ:ଆ:ସ ଯେତେବେଳେ ହଜରତ ଅବୁବକର ର:ଅଙ୍କୁ ଇସ୍‌ଲାମ୍ ଧର୍ମ ପ୍ରତି ଆମନ୍ତ୍ରଣ କଲେ, ସେତେବେଳେ ହଜରତ ଅବୁବକର ର:ଅ କାଳ ବିଳମ୍ବ ନ କରି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ ।

***(ରୌଜୁଲ୍ ଉନୁଫ୍........ ଖଣ୍ଡ-***

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ନିକାହ୍ ଘୋଷଣା

ଜମାତ୍ ଅହେମଦୀୟା ମହମୁଦାବାଦ୍, କେରଙ୍ଗ, ଓଡ଼ିଶାର ଶ୍ରୀମତି ମାରିୟା ସିଦ୍ଦିକା ସାହିବା ସୁପୁତ୍ରୀ ଶ୍ରୀମାନ୍ ଶମ୍‌ସେର୍ ଅହେମଦ୍ ସାହେବ୍‌ଙ୍କ ନିକାହ୍ ହଲ୍‌କା ଦାରୁଲ୍ ବରକତ୍, ଗ୍ରାମ- କେରଙ୍ଗ, ଓଡ଼ିଶାର ଶ୍ରୀମାନ୍ ଶହ୍‌ବାଜ୍ ଖାନ୍ ସୁପୁତ୍ର ଶ୍ରୀମାନ୍ ଶରିଫୁଦ୍ଦିନ୍ ଖାନ୍ ସାହେବଙ୍କ ସହିତ ତା ୦୮-୧୨-୨୦୨୧ ରିଖ ଦିନ ଶ୍ରୀମାନ୍ ମୌଲବୀ ମୁବଶୀର୍ ଖାନ୍ ସାହେବ୍ ପଢ଼ାଇଲେ ଓ ଘୋଷଣା କଲେ ।

ଦୁଆ କରନ୍ତୁ ଅଲ୍ଲାଃ ତାଲା ଏହି ବିବାହ ବନ୍ଧନକୁ ପ୍ରତି କ୍ଷେତ୍ରରୁ ମଙ୍ଗଳମୟ କରନ୍ତୁ । ଆମିନ୍ ।

*(ବଦର କାର୍ଯ୍ୟାଳୟ)*

# ଖୁଲାସା (ସାରାଂଶ) ଖୁତ୍‌ବା ଜୁମା ପ୍ରଦତ୍ତ ୧୦ ଡ଼ିସେମ୍ବର ୨୦୨୧

## ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍‌ଦୁଲ୍ଲାଃ ବିନ୍ ଉସମାନ୍ [ର.ଅ]ଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦ୍‌ହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହ୍ମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନୱ୍ର[ଅ.ବ] କହିଲେ; ହଜରତ ଅବୁବକର ସିଦ୍ଦିକ୍ [ର.ଅ]ଙ୍କ ଇସଲାମ ଧର୍ମ ସ୍ୱୀକାର କରିବା ପ୍ରସଙ୍ଗରେ କେତେକ କଥନ ଭିନ୍ନ ଭିନ୍ନ ଦିଗରୁ ବର୍ଣ୍ଣନା କରାଯାଇଛି କିନ୍ତୁ ବାସ୍ତବରେ ଘଟଣାଟି ଗୋଟିଏ । ଅସଦୁଲ୍ ଗାବା'ର ପୁସ୍ତକରେ ଉଲ୍ଲେଖ ରହିଛି, ୟମନ୍‌ରେ ୟଯଦ୍ ନାମକ ଗୋଟିଏ କବିଲା (ଗୋଷ୍ଠୀ)ରେ ଜଣେ ବୃଦ୍ଧ ବ୍ୟକ୍ତି ନିଜର ସତ୍ୟ ଜ୍ଞାନ ଆଧାରରେ ପବିତ୍ର ମକ୍କା ସହରରେ ଜଣେ ନବୀ ଆବିର୍ଭାବ ହେବା ଓ ତାଙ୍କ ସାହାଯ୍ୟକାରୀ ବ୍ୟକ୍ତିଙ୍କର କିଛି ଲକ୍ଷଣ ଦର୍ଶାଇଥିଲେ । ଯେପରିକି ତାଙ୍କ ପେଟରେ କଳା ଜାଇ ଥିବ, ତାଙ୍କ ଦକ୍ଷିଣ ଜଙ୍ଘରେ ଗୋଟିଏ ଚିହ୍ନ ଥିବ, ସେ ବୟୋଜ୍ୟେଷ୍ଠ ବ୍ୟକ୍ତି ହୋଇଥିବେ, ସେ ପତଳା ଶରୀର ବିଶିଷ୍ଟ ଓ ଅନ୍ୟାନ୍ୟ ସୁଗୁଣର ଅଧିକାରୀ ହୋଇଥିବେ । ଯାହାକି ହଜରତ ଅବୁବକର [ର.ଅ]ଙ୍କ ଠାରେ ଠୁଳ ରହିଥିଲା । ବସ୍ତୁତଃ ସେ ତାଙ୍କୁ ଖବରଦାର କଲେ ଯେ ସତ୍ ମାର୍ଗରୁ କଦାପି ମୁହଁ ମୋଡ଼ିବ ନାହିଁ । ଉତମ ଓ ସର୍ବୋତ୍କୃଷ୍ଟ ମାର୍ଗକୁ ଦୃଢତାର ସହିତ ଜାବୁଡ଼ି ଧରି ପ୍ରଭୁଙ୍କ ତରଫରୁ ପ୍ରଦତ୍ତ ଧନସମ୍ପତି ପ୍ରତି ତାଙ୍କର ଭୟ ପୋଷଣ କରିବ । ହଜରତ ଅବୁବକର[ର.ଅ] ମକ୍କା ପ୍ରତ୍ୟାବର୍ତନ କରି ହଜୁର [ସ.ଅ]ଙ୍କୁ ପଚାରିଲେ କ'ଣ ଆପଣ ଏପରି କିଛି ଘୋଷଣା କରିଛନ୍ତି । ପ୍ରତିଉତରରେ ହଜୁର[ସ.ଅ] ତାଙ୍କ ସହିତ ୟମନ୍‌ରେ ଘଟିଥିବା ଘଟଣାର ଆଲୋଚନା କଲେ, ଯାହାକି କାହାରିକୁ ଜଣା ନଥିଲା କିନ୍ତୁ ମକ୍କାରେ ବସି ହଜୁର [ସ.ଅ]ଙ୍କୁ ଏହି ଘଟଣା ସମ୍ପର୍କରେ ଜ୍ଞାତ ହେବା ଦେଖି ହଜରତ ଅବୁବକର[ର.ଅ] ହଜୁର [ସ.ଅ]ଙ୍କ ହସ୍ତ ଧରି ସାକ୍ଷ୍ୟ ଦେଲେ, **ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନୁହନ୍ତି ଏବଂ ଆପଣ ଅଲ୍ଲାଃଙ୍କର ବାର୍ତାବହ ଅଟନ୍ତି ।**

ରିୟାଜୁଲ୍ ନଜ୍‌ରାଃ'ରେ ଉଲ୍ଲେଖ ରହିଛି, ହଜରତ ଉମ୍ମେ ସଲ୍‌ମା ବର୍ଣ୍ଣନା କରନ୍ତି; କୁରୈଶର ଲୋକମାନେ ହଜରତ ଅବୁବକର [ର.ଅ]ଙ୍କୁ କହିଲେ; ତୁମ ମିତ୍ର ପାଗଳ ହୋଇଯାଇଛନ୍ତି (ନଉଜୁବିଲ୍ଲାଃ) । ଦେଖ ସେ କିପରି ଲୋକମାନଙ୍କୁ ଏକେଶ୍ୱରବାଦ ପ୍ରତି ଡ଼ାକରା ଦେଉଛନ୍ତି ଏବଂ ସ୍ୱୟଂକୁ ଅବତାର ବୋଲି କହୁଛନ୍ତି । ହଜରତ ଅବୁବକର[ର.ଅ] ଉତର ଦେଲେ ମୁଁ କଦାପି ହଜୁର [ସ.ଅ]ଙ୍କୁ ମିଥ୍ୟା ବଚନ କହୁଥିବାର ଶୁଣି ନାହିଁ । ଅତଏବ ଆପଣ[ର.ଅ] କୌଣସି ପ୍ରକାରର ପ୍ରଶ୍ନ ଓ ପ୍ରତିବାଦ ନକରି, ଆପଣଙ୍କର ପୂର୍ଣ୍ଣ ସମର୍ଥନ କଲେ ଏବଂ ସାକ୍ଷ୍ୟ ଦେଲେ ଯେ ଆପଣ ଯାହା ନେଇ ଆସିଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ସତ୍ୟ । ଆଉ ଏକ ବର୍ଣ୍ଣନାନୁଯାୟୀ ହଜୁର[ସ.ଅ] କହିଲେ; **ହଜରତ ଅବୁବକର [ର.ଅ]ଙ୍କ ବ୍ୟତୀତ ମୁଁ ଯାହାକୁ ମଧ୍ୟ ଇସଲାମ ପ୍ରତି ଡ଼ାକରା ଦେଲି ସେ ତାହାକୁ ଅସ୍ୱୀକାର କଲା ଓ ସେଥିରେ ବିଳମ୍ବତା ପ୍ରଦର୍ଶନ କଲା ।**

ହଜରତ ମୁସ୍‌ଲେହ ମଉଦ[ର.ଅ] ହଜରତ ଅବୁବକର [ର.ଅ]ଙ୍କର ଇସଲାମ ଧର୍ମ ସ୍ୱୀକାର କରିବା ପ୍ରସଙ୍ଗରେ କୁହନ୍ତି; ଗୋଟିଏ ସ୍ଥାନରେ ବର୍ଣ୍ଣିତ ରହିଛି ଯେ ହଜୁର[ସ.ଅ] ଯେତେବେଳେ ନବୀ ହେବାର ଘୋଷଣା କଲେ ସେତେବେଳେ ହଜରତ ଅବୁବକର[ର.ଅ] ମକ୍କା ବାହାରକୁ ଯାଇଥିଲେ, ପ୍ରତ୍ୟାବର୍ତନ କରିବା ପରେ ଆପଣଙ୍କୁ ଜଣେ ଦାସୀ କହିଲେ; ଯେ ଆପଣଙ୍କ ବନ୍ଧୁ ତ (ନଉଜୁବିଲ୍ଲାଃ) ପାଗଳ ହୋଇଯାଇଛନ୍ତି । ସେ ଅଜବ ଅଜବ କଥା କହୁଛନ୍ତି, ଯେପରି ମୋ ଉପରେ ଆକାଶ ମାର୍ଗରୁ ଦେବଦୂତ ଅବତୀର୍ଣ୍ଣ ହେଉଛନ୍ତି । ହଜରତ ଅବୁବକର[ର.ଅ] ସେହିକ୍ଷଣି ଉଠିଲେ ଏବଂ ହଜୁର [ସ.ଅ]ଙ୍କ ଘରେ ପହଂଚିଗଲେ । ଆପଣଙ୍କୁ ଦେଖି ହଜୁର[ସ.ଅ] କିଛି ଦଲିଲ୍ ଦେବାକୁ ଚାହୁଁଥିଲେ କିନ୍ତୁ ହଜରତ ଅବୁବକର[ର.ଅ] କହିଲେ; ନା ନା ଆପଣ କେବଳ ମୋତେ ଏତିକି କୁହନ୍ତୁ ଯେ କ'ଣ ଏକଥା ସତ ? ହଜୁର[ସ.ଅ] କହିଲେ; ହଁ ସତ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; ମୁଁ ଆପଣଙ୍କ ଉପରେ ବିଶ୍ୱାସ ଆଣୁଛି । ଅଧିକନ୍ତୁ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କୁ କୌଣସି ଦଲିଲ୍ ଦେବାରୁ ଏଥିସକାଶେ ଅଟକାଇ ଦେଲି କାରଣ ମୁଁ ଚାହୁଁଥିଲି ଯେ ମୋର ବିଶ୍ୱାସ ଦଲିଲ୍ ଆଧାରରେ ନହେଉ ବରଂ ମୋ ପାଇଁ ପର୍ଯ୍ୟବେକ୍ଷଣ ହିଁ ଯଥେଷ୍ଟ ହେଉ । ମୁଁ ଆପଣଙ୍କୁ ସତ୍ୟବାଦୀ ଓ ପବିତ୍ର ଜାଣିବା ପରେ କୌଣସି ଦଲିଲ୍‌ର ଆବଶ୍ୟକତା ମଣୁ ନାହିଁ । ବସ୍ତୁତଃ ଯେଉଁ କଥାକୁ ମକ୍କାବାସୀ ଗୁପ୍ତ ରଖିବାକୁ ଚାହୁଁଥିଲେ ତାହାକୁ ହଜରତ ଅବୁବକର[ର.ଅ] ନିଜ ବ୍ୟବହାର ଦ୍ୱାରା ପ୍ରକାଶ୍ୟ କରିଦେଲେ ।

ଏଥିଅନ୍ତେ ହଜରତ ଅବୁବକର[ର.ଅ] ଏପରି ଯୁବକମାନଙ୍କୁ ଏକତ୍ରିତ କଲେ ଯେ ହଜରତ ଅବୁବକରଙ୍କ ପୁଣ୍ୟ ଓ ଧର୍ମ ପରାୟଣତାରେ ପ୍ରଲୁବ୍ଧ ଥିଲେ । ସେମାନଙ୍କୁ ଆପଣ ବୁଝାଇବା ଆରମ୍ଭ କଲେ, ଫଳତଃ ୭ଜଣ ଯୁବକ ହଜୁର [ସ.ଅ]ଙ୍କ ହସ୍ତରେ ବୈଅତ କରିନେଲେ । ସେହି ସମସ୍ତ ଯୁବକମାନଙ୍କ ବୟସ ପ୍ରାୟ ୧୨ରୁ ୨୫ବର୍ଷ ମଧ୍ୟରେ ଥିଲା । ହଜରତ ଅବୁବକର [ର.ଅ]ଙ୍କ ଉପରେ ବଡ଼ ବଡ଼ ବିପତି ଆସିଥିଲା, ଯେପରିକି ତାଙ୍କୁ ତାଙ୍କର ସମସ୍ତ ସମ୍ପତି, ପ୍ରିୟ ଜନ୍ମଭୂମି ଠାରୁ ବିତାଡ଼ିତ କରି ଦିଆଗଲା । ନିଜ ପରିଜନଙ୍କୁ ହତ୍ୟା କରିବାକୁ ପଡ଼ିଲା ତଥାପି ତାଙ୍କ ପାଦ ଅଟଳ ଓ ଅବିଚଳ ରହିଥିଲା, ସେ ତିଳେ ମାତ୍ର ଆନ୍ଦୋଳିତ ହୋଇ ନଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ହଜୁର[ସ.ଅ] ହଜରତ ଅବୁବକର [ର.ଅ]ଙ୍କୁ ସିଦ୍ଦିକ୍'ର ଉପାଧି ପ୍ରଦାନ କରିଥିଲେ । ଯଦି ଚିନ୍ତା କରାଯାଏ ତେବେ ହଜରତ ଅବୁବକର [ର.ଅ]ଙ୍କ ପରି ସତ୍ୟବାଦୀ ମିଳିବା ଦୁରୂହ ବ୍ୟାପାର । କୌଣସି ବ୍ୟକ୍ତି ଯଥାସମ୍ଭବ ପ୍ରୟାସ କରିବା, ପୂର୍ଣ୍ଣ ସାମର୍ଥ୍ୟର ସହିତ ଦୁଆ କରିବା ଏବଂ ଅବୁବକର ସ୍ୱଭାବରେ ରଙ୍ଗିନ୍ (ମଜ୍ଜିତ) ନହୋଇ କଦାପି ସିଦ୍ଦିକ୍‌ର ସ୍ତର ଲାଭ କରିପାରିବ ନାହିଁ । ହଜରତ ଅବୁବକର[ର.ଅ] ହଜୁର [ସ.ଅ]ଙ୍କର ପ୍ରଥମ ବିଶ୍ୱାସକାରୀ ହେବାର ଉଦାହରଣ ପ୍ରଦର୍ଶନ କଲେ ଏବଂ ନିଜର ପ୍ରତିଜ୍ଞା ନିଜ ଅନ୍ତିମ ସମୟ ପର୍ଯ୍ୟନ୍ତ ସମ୍ପାଦନ କଲେ । ପୁନଶ୍ଚ ମୃତ୍ୟୁ ଅନ୍ତେ ମଧ୍ୟ ହଜୁର [ସ.ଅ]ଙ୍କର ପବିତ୍ର ସଙ୍ଗତ୍ୱ ଛାଡ଼ିଲେ ନାହିଁ । ହଜରତ ମସିହ ମଉଦ[ଅ.ସ] ସୁରେ ରହମାନ୍‌ର ପଂକ୍ତି ୱ୍ଲିମନ୍ ଖାଫା ମକାମା ରବ୍‌ବିହି ଜନ୍ନାତାନ୍ ଅର୍ଥାତ ଯେ କେହି ନିଜ ପ୍ରଭୁଙ୍କୁ ଭୟ କରୁଛି ତାହା ପାଇଁ ଦୁଇଟି ବୈକୁଣ୍ଠ ନିୟତ ରହିଛି'ର ବ୍ୟାଖ୍ୟା କରି କୁହନ୍ତି; ହଜରତ ଅବୁବକର [ର.ଅ]ଙ୍କ ଉଦାହରଣ ଯାହାଙ୍କୁ ସବୁଠାରୁ ଅଧିକ କଷଣ ସହ୍ୟ କରିବାକୁ ପଡ଼ିଥିଲା । ଯେ ସବୁଠାରୁ ଅଧିକ ଉତ୍ପୀଡ଼ନାର ଶିକାର ହେଲେ ତେବେ ତାଙ୍କୁ ହିଁ ସର୍ବପ୍ରଥମେ ନିଜ ପ୍ରିୟ ମୁନିବଙ୍କ ଅନ୍ତେ ଅବତାରତ୍ୱର ଆସନରେ ବିରାଜିତ କରାଗଲା । **ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲା ଆପଣଙ୍କୁ ଏହି ଭବ ସଂସାରରେ ପୁରସ୍କୃତ କଲେ ଅର୍ଥାତ ହଜୁର [ସ.ଅ]ଙ୍କ ଦେହାନ୍ତ ପରେ ଆପଣଙ୍କୁ ପ୍ରଥମ ଖଲିଫା ରୂପେ ଚୟନ କଲେ ଏବଂ ପରକାଳରେ ମଧ୍ୟ ବୈକୁଣ୍ଠର ସୁସମାଚାର ପ୍ରଦାନ କଲେ ।**

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଐତିହାସିକଙ୍କ ଦୃଷ୍ଟିରେ ପୁରୁଷମାନଙ୍କ ମଧ୍ୟରେ ସର୍ବପ୍ରଥମେ ବିଶ୍ୱାସ ଆଣିଥିବା ବ୍ୟକ୍ତିଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି । ଅଲାମାଃ ଅହମଦ ବିନ୍ ଅବଦୁଲ୍ଲାଃ ଲେଖିଛନ୍ତି; ଆରବମାନଙ୍କ ମଧ୍ୟରେ ପ୍ରଥମ ସାବାଳକ ଯେ ଇସଲାମ ଧର୍ମ ସ୍ୱୀକାର କରିଥିଲେ, ସେ ହଜରତ ଅବୁବକର ବିନ୍ ଅବୁ କାହାଫା ଥିଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି; ଅବୁବକର ର.ଅ ସେହି ବ୍ୟକ୍ତି ଯେ ଗାରେ ସୋର'ରେ ନିଜକୁ ହଜୁର ସ.ଅଙ୍କ ଆଜ୍ଞାବହତାରେ ନିମଗ୍ନ କରି ରଖିଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରୁ ସର୍ବପ୍ରଥମ ବ୍ୟକ୍ତି ଥିଲେ ଯେ ହଜୁର ସ.ଅଙ୍କ ଉପରେ ବିଶ୍ୱାସ ଆଣିଥିଲେ । ୟୁରୋପର ସୁପ୍ରସିଦ୍ଧ ଐତିହାସିକ ସ୍ପ୍ରିଙ୍ଗର୍ ଲେଖିଛନ୍ତି; ଇସଲାମର ପ୍ରାରମ୍ଭିକ ପର୍ଯ୍ୟାୟରେ ଅବୁବକର ର.ଅଙ୍କର ହଜୁର ସ.ଅଙ୍କ ଉପରେ ବିଶ୍ୱାସ ଆଣିବା, ଏହି କଥାର ସବୁଠାରୁ ବଡ଼ ପ୍ରମାଣ ଯେ ଆପଣ ବିଶ୍ୱାସଘାତୀ ଅବା ପ୍ରତାଡ଼ିତ କଦାପି ନଥିଲେ । **ସର୍ ଉଇଲିୟମ୍ ମିଓର ମଧ୍ୟ ସ୍ପ୍ରିଙ୍ଗରର ଏହି ମନ୍ତବ୍ୟର ପୂର୍ଣ୍ଣ ସମର୍ଥନ କରିଛନ୍ତି ।**

ଅସଦୁଲ୍ ଗାବା'ରେ ଉଲ୍ଲେଖ ରହିଛି, ହଜରତ ଅବୁବକର ର.ଅଙ୍କର ପ୍ରେମ, ସତ୍‌କର୍ମ ଓ ଧର୍ମନିଷ୍ଠତା ଯୋଗୁଁ ହଜୁର ସ.ଅଙ୍କ ପରେ ମୁସଲମାନମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଆପଣଙ୍କ ହସ୍ତରେ ଏକତ୍ରିତ ହୋଇଗଲେ । ଏପରିକି ଅଶ୍‌ରା ମୁବଶରାଃଙ୍କ ମଧ୍ୟରୁ ୫ଜଣ ସାହାବୀ ଅର୍ଥାତ ହଜରତ ଉସମାନ ବିନ୍ ଅଫାନ୍ ର.ଅ, ହଜରତ ଯୁବୈର୍ ବିନ୍ ଅୱାମ୍ ର.ଅ, ହଜରତ ଅବଦୁର ରହେମାନ୍ ବିନ୍ ଅୱଫ୍ ର.ଅ, ହଜରତ ସାଦ୍ ବିନ୍ ଅବି ୱକାସ୍ ର.ଅ, ହଜରତ ତଲହା ବିନ୍ ଅବଦୁଲ୍ଲାଃ ର.ଅ ଇତ୍ୟାଦି ଆପଣଙ୍କ ହସ୍ତରେ ବୈଅତ କରିନେଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ ନିଜର ପୁସ୍ତକ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି; ଏସମସ୍ତେ ଏପରି ବିଶିଷ୍ଟ ଓ ଉଚ୍ଚପଦସ୍ଥ ସାହାବା ଥିଲେ, ଯାହାଙ୍କୁ ସ୍ୱୟଂ ହଜୁର ସ.ଅ ବୈକୁଣ୍ଠବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ । ସେମାନେ ହଜୁର ସ.ଅଙ୍କର ଅତି ନିକଟତମ ସାହାବୀ ଓ ପରାମର୍ଶଦାତା ଥିଲେ ।

ମକ୍କାର ଅମାନ୍ୟକାରୀଗଣ ଇସଲାମ ଧର୍ମରେ ଦୀକ୍ଷିତ ହେଉଥିବା ଲୋକମାନଙ୍କ ଉପରେ ଭୀଷଣ ଅତ୍ୟାଚାର କରୁଥିଲେ । କେବଳ ଦୁର୍ବଳ ଶ୍ରେଣୀ ଏବଂ କ୍ରୀତଦାସଙ୍କୁ ନିର୍ଯ୍ୟାତନା ଓ କଷଣ ଦେଉ ନଥିଲେ ବରଂ ସେମାନଙ୍କର ଏହି ଅନ୍ୟାୟ ଅତ୍ୟାଚାରରୁ ହଜୁର ସ.ଅଙ୍କ ପବିତ୍ର ଅସ୍ତିତ୍ୱ ଓ ହଜରତ ଅବୁବକର ର.ଅ ମଧ୍ୟ ବଂଚିତ ନଥିଲେ । ସିରତ୍ ହଲ୍‌ବିୟା'ରେ ଉଲ୍ଲେଖ ରହିଛି ଏକଦା କୁରୈଶର ବାଘ ବୋଲାଉଥିବା ନୱ୍‌ଫିଲ୍ ବିନ୍ ଅଦୱୀୟା ହଜରତ ଅବୁବକର ର.ଅ ଓ ହଜରତ ତଲହା ର.ଅଙ୍କୁ ସ୍ୱଧର୍ମ ଇସଲାମର ପରିପ୍ରକାଶ କରିବା ଫଳରେ ତାଙ୍କୁ ଧରି ଗୋଟିଏ ଦଉଡ଼ିରେ ବାନ୍ଧି ଦେଲେ । ଏଥିଯୋଗୁଁ ହଜରତ ଅବୁବକର ର.ଅ ଓ ହଜରତ ତଲହା ର.ଅଙ୍କୁ କରନେନ୍ ବୋଲି କୁହାଯାଏ । ଅର୍ଥାତ ପରସ୍ପର ସହିତ ମିଳିତ ହୋଇଥିବା ଦୁଇ ସାଥି । ଏକଦା ହଜୁର ସ.ଅ ମସଜିଦ୍ ହରାମ୍‌ର ହତିମ୍ ଠାରେ ନମାଜ ପାଠ କରୁଥିଲେ ଯେ ଉକବା ବିନ୍ ଅବି ମଈତ୍ ଆପଣଙ୍କ ଗଳାରେ କପଡ଼ା ପକାଇ ଖୁବ୍ ଜୋରରେ ଚିପିଲା । ଇତିମଧ୍ୟରେ ହଜରତ ଅବୁବକର ର.ଅ ସେଠାରେ ଆସି ପହଂଚିଗଲେ, ସେ ଉକବାଃକୁ ଧକ୍କା ଦେଇ ହଜୁର ସ.ଅଙ୍କୁ ରକ୍ଷା କଲେ ଏବଂ କହିଲେ; ଆତକ୍ ତୁଲୁନା ରଜୁଲନ୍ ଅଈଁ ୟକୁଲା ରବ୍‌ବି ୟଲ୍ଲାଃ ଅର୍ଥାତ କ'ଣ ତୁମେମାନେ କେବଳ ଏଥିସକାଶେ ଜଣେ (ମହାତ୍ମାଙ୍କୁ) ହତ୍ୟା କରିବାକୁ ଚାହୁଁଛ ଯେ ସେ କହୁଛନ୍ତି, ମୋ ପାଳନକର୍ତ୍ତା ଅଲ୍ଲାଃ ଅଟନ୍ତି ।

ଆଉ ଏକ ବର୍ଣ୍ଣନାନୁଯାୟୀ ଏକଦା ମସଜିଦେ୍ ହରାମ୍‌ରେ ଅମାନ୍ୟକାରୀମାନେ ହଜୁର ସ.ଅଙ୍କୁ ଚାରିପଟୁ ଘେରିଗଲେ । ହଜରତ ଅବୁବକର ର.ଅଙ୍କୁ ଯେତେବେଳେ ଏହାର ସୂଚନା ମିଳିଲା, ଆପଣ ଅବିଳମ୍ବ ସେଠାରେ ଯାଇ ପହଂଚିଗଲେ ଏବଂ କହିଲେ; ଆତକ୍ ତୁଲୁନା ରଜୁଲନ୍ ଅଈଁ ୟକୁଲା ରବ୍‌ବି ୟଲ୍ଲାଃ ଓକଦ୍ ଜାଆକୁମ୍ ବିଲ୍ ବୈୟ୍ୟନାତି ମିର୍ ରବ୍‌ବିକୁମ୍ ଅର୍ଥାତ କ'ଣ ତୁମେମାନେ କେବଳ ଏଥିସକାଶେ ଜଣେ (ପୁଣ୍ୟାତ୍ମାଙ୍କୁ) ହତ୍ୟା କରିବାକୁ ଚାହୁଁଛ ଯେ ସେ କହୁଛନ୍ତି ମୋ ପାଳନକର୍ତ୍ତା ଅଲ୍ଲାଃ ଅଟନ୍ତି ଏବଂ ସେ ତୁମ ନିକଟକୁ ତୁମ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 20 Jan 2022 Issue No. 3

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.575/- (Per Issue:Rs.10/-) (WEIGHT - 20-50gms/issue)

ପ୍ରଭୁଙ୍କ ସମୀପରୁ ସ୍ପଷ୍ଟ ନିର୍ଦ୍ଦେଶନ ନେଇ ଆସିଛନ୍ତି । ଏଥିରେ ଅମାନ୍ୟକାରୀମାନେ ହଜୁର [ସ.ଅ]ଙ୍କୁ ଛାଡ଼ିଦେଲେ ଏବଂ ହଜରତ ଅବୁବକର [ର.ଅ]ଙ୍କୁ ପିଟିଲେ । ହଜରତ ଅବୁବକର [ର.ଅ]ଙ୍କ କନ୍ୟା ହଜରତ ଅସ୍‌ମା[ର.ଅ] କୁହନ୍ତି; ଆପଣ ଆମ ନିକଟକୁ ଏପରି ଅବସ୍ଥାରେ ଆସିଲେ ଯେ ଆପଣ ନିଜ ଚୁଟିରେ ହାତ ମାରୁଥିଲେ ତ ତାହା ଆପଣଙ୍କ ହାତରେ ଉପୁଡ଼ି ଆସୁଥିଲା ଏବଂ ଆପଣ କହି ଚାଲିଥିଲେ, ଯେ ତବାରକ୍‌ତା ଯ୍ୟାଯୁଲ୍ ଯଲାଲି ଓଲ୍ ଇକ୍‌ରାମ୍ ଅର୍ଥାତ ହେ ବୟୋଜ୍ୟେଷ୍ଠ ଓ ମର୍ଯ୍ୟାଦା ସମ୍ପର୍ଣ୍ଣ ବ୍ୟକ୍ତି ତୁମେ ଅତି କଲ୍ୟାଣକାରୀ ଅଟ ।

ହଜରତ ଅଲୀ[ର.ଅ] କୁହନ୍ତି; ଯେ ମୋ ସହିତ ଯୁଦ୍ଧ କଲା ମୁଁ ତାହାକୁ ପରାସ୍ତ କରିଦେଲି କିନ୍ତୁ ସବୁଠାରୁ ବଡ଼ ବୀର ହଜରତ ଅବୁବକର[ର.ଅ] ଥିଲେ । ବଦର ଯୁଦ୍ଧରେ ହଜରତ ଅବୁବକର[ର.ଅ] ନିଜ ଖଣ୍ଡା ଉଠାଇ ହଜୁର [ସ.ଅ]ଙ୍କ ନିକଟରେ ଏପରି ଦଣ୍ଡାୟମାନ ରହୁଥିଲେ ଯେପରି କେହି ଜଣେ ହେଲେ ମଧ୍ୟ ଅମାନ୍ୟକାରୀ ହଜୁର [ସ.ଅ]ଙ୍କ ନିକଟରେ ପହଂଚିବା ପୂର୍ବରୁ ତାଙ୍କୁ ଅତିକ୍ରମ କରିବା ଅନିବାର୍ଯ୍ୟ ଥିଲା । ଆଉ ଥରେ ହଜୁର [ସ.ଅ]ଙ୍କୁ ହନ୍ତସନ୍ତ କରୁଥିବା କୁରୈଶର ଅମାନ୍ୟକାରୀଙ୍କୁ ହଜରତ ଅବୁବକର[ର.ଅ] ମାଡ଼ ମାରି ତଡ଼ିଦେଲେ । ହଜରତ ଅଲୀ[ର.ଅ] କୁହନ୍ତି; ଅଲ୍ଲାଃଙ୍କ ରାଣ ! **ଅବୁବକର [ର.ଅ]ଙ୍କର ଘଡ଼ିଏ ମୁହୂର୍ତ୍ତ ମଧ୍ୟ ଫିରଔନ୍‌ର ପୁଣ୍ୟବନ୍ତ ବଂଶଧରଙ୍କ ଭୂପୃଷ୍ଠରେ ଭରିଯିବା ପୁଣ୍ୟକର୍ମ ଠାରୁ ଶ୍ରେୟସ୍କର** । କାରଣ ସେମାନେ ନିଜ ବିଶ୍ୱାସକୁ ଗୋପନ ରଖୁଥିଲେ । କିନ୍ତୁ ଏହି ବ୍ୟକ୍ତି ଅର୍ଥାତ ହଜରତ ଅବୁବକର[ର.ଅ] ନିଜ ବିଶ୍ୱାସର ଘୋଷଣା ମୁକ୍ତ କଣ୍ଠରେ କରିଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏକଦା କିଛି ଶତ୍ରୁ ହଜୁର [ସ.ଅ]ଙ୍କୁ ଏକାକୀ ଦେଖି ଆପଣଙ୍କୁ ଧରିନେଲେ ଏବଂ ଆପଣଙ୍କ ଗଳାରେ ରସି ଲଗାଇ ତାହାକୁ ମୋଡ଼ିବା ଆରମ୍ଭ କଲେ । ଏପରିକି ଆପଣଙ୍କ ପ୍ରାଣ ବାୟୁ ଉଡ଼ି ଯିବା ନିକଟବର୍ତ୍ତୀ ହୋଇଗଲା । ଭାଗ୍ୟବଶତଃ ହଜରତ ଅବୁବକର[ର.ଅ] ସେଠାରେ ଆସି ପହଂଚିଗଲେ ଏବଂ ସେହି ଅତ୍ୟାଚାରୀଙ୍କୁ ଏଭଳି ମାଡ଼ ମାରିଲେ ଯେ ସେମାନେ ଚେତାଶୂନ୍ୟ ହୋଇଗଲେ । ଏପରି ହଜରତ ଅବୁବକର[ର.ଅ] ଆପଣଙ୍କୁ ସେହି ଅତ୍ୟାଚାରୀଙ୍କ କବଳରୁ ରକ୍ଷା କଲେ ।

ହଜରତ ଅବୁବକର[ର.ଅ] ଯେତେବେଳେ ଇସଲାମ ଧର୍ମ ସ୍ୱୀକାର କଲେ ସେତେବେଳେ ଆପଣଙ୍କ ନିକଟରେ ୪୦ହଜାର ଦିରହମ୍ ରହିଥିଲା । ଆପଣ ନିଜର ସମସ୍ତ ଜମା ପୁଞ୍ଜି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦେଇଥିଲେ ଏବଂ ଏପରି କ୍ରୀତଦାସ ସ୍ୱାଧୀନ କଲେ, ଯାହାଙ୍କୁ ଅଲ୍ଲାଃଙ୍କ ଧର୍ମ (ଇସଲାମ) ସ୍ୱୀକାର କରିବା ଯୋଗୁଁ କଷଣ ଦିଆଯାଉଥିଲା । ସେମାନଙ୍କ ମଧ୍ୟରେ ହଜରତ ବିଲାଲ୍[ର.ଅ], ହଜରତ ଆମିର ବିନ୍ ଫହିରାଃ[ର.ଅ], ହଜରତ ଯିନିରାଃ[ର.ଅ], ହଜରତ ନହ୍‌ଦିୟା[ର.ଅ] ଓ ତାଙ୍କ କନ୍ୟା, ବନି ମୋମିଲ୍‌ର ଜଣେ ଦାସୀ ଏବଂ ଉମ୍ମେ ଅବିସ୍ ଆଦି ସାମିଲ ଥିଲେ ।

ହଜରତ ଯିନିରାଃ[ର.ଅ] ରୋମି ମୁସଲମାନମାନଙ୍କ ମଧ୍ୟରେ ପୁଣ୍ୟ ଅର୍ଜନ କରିବାରେ ବେଶ୍ ଆଗକୁ ବଢି ଯାଇଥିଲେ । ଯେତେବେଳେ ସେ ଇସଲାମ ଧର୍ମ ଗ୍ରହଣ କଲେ ତାଙ୍କର ଦୃଷ୍ଟି ଶକ୍ତି ଚାଲିଗଲା । ବସ୍ତୁତଃ ଅମାନ୍ୟକାରୀମାନେ କହିବା ଆରମ୍ଭ କଲେ, ଯେ ଲାତ୍ ଓ ଉଜ୍ଜା'ର ଅସମ୍ମାନ ଓ ବର୍ଜନ କରିବା ଯୋଗୁଁ ଯିନିରାଃଙ୍କର ଏହି ଦଶା ହେଲା । ଏଥିରେ ସେ ଅମାନ୍ୟକାରୀଙ୍କୁ ଉତର ଦେଲେ ଲାତ୍ ଓ ଉଜ୍ଜା ମୋତେ କ'ଣ ବା ଅନ୍ଧ କରିଥାନ୍ତେ, ସେମାନେ ତ ସ୍ୱୟଂ ଅନ୍ଧ । ଏହା ତ ବିଧିର ବିଧାନ, ଅଲ୍ଲାଃତାଲା ମୋତେ ଅନ୍ଧ କରିଛନ୍ତି ଏବଂ ସେ ମୋର ଦୃଷ୍ଟି ଶକ୍ତି ଫେରସ୍ତ କରିବା ପାଇଁ ପୂର୍ଣ୍ଣ ସକ୍ଷମ । **ପରବର୍ତ୍ତୀ ଦିନ ଯିନିରାଃ ଏଭଳି ଅବସ୍ଥାରେ ଶେଯରୁ ଉଠିଲେ, ଯେ ସେ ନିଜ ଦୃଷ୍ଟି ଶକ୍ତି ଫେରି ପାଇଥିଲେ ।** ଏଥିରେ କୁରୈଶ କହିବା ଆରମ୍ଭ କଲେ ଯେ ଏହା ତ ମୁହମ୍ମଦର ଜାଦୁ ଅଟେ । ଯେତେବେଳେ ହଜରତ ଅବୁବକର[ର.ଅ] ତାଙ୍କୁ ଅମାନ୍ୟକାରୀଙ୍କ ଅତ୍ୟାଚାରରେ କବଳିତ ଥିବାର ଦେଖିଲେ, ସଙ୍ଗେସଙ୍ଗେ ତାଙ୍କୁ ଖରିଦ୍ କରି ସ୍ୱାଧୀନ କରିଦେଲେ ।

ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ ବର୍ଣ୍ଣନା ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓ୍ୱନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ । ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

⌘⌘⌘⌘⌘⌘⌘⌘⌘⌘⌘

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

*(ବଦର କାର୍ଯ୍ୟାଳୟ)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan